# ପବିତ୍ର ଆତ୍ମାରେ ବାପ୍ତିସ୍ମ



ଆଶିଷ୍ ରାଇଟୁର୍

**ଏହି ପୁସ୍ତକ ମାଗଣାରେ ବଣ୍ଟନ ପାଇଁ ଉଦ୍ଦିଷ୍ଟ ।**

ମୁଦ୍ରଣ ଓ ବଣ୍ଟନ : ଅଲ୍ ପିପୁଲ୍ସ ଚର୍ଚ୍ଚ୍ ଆଣ୍ଡ୍ ୱାର୍ଲଡ୍ ଆଉଟ୍‌ରିଚ୍, ବାଙ୍ଗାଲୁରୁ, ଇଣ୍ଡିଆ

ପ୍ରଥମ ସଂସ୍କରଣ : ସେପ୍ଟେମ୍ବର ୨୦୨୦

ଓଡ଼ିଆ ଅନୁବାଦ : ଭାବୀ ବିଭବ ବନିଫେସ୍ କର

**ଯୋଗାଯୋଗ ଠିକଣା :**
All Peoples Church & World Outreach
# 319, 2nd Floor, 7th Main, HRBR Layout,
2nd Block, Kalyan Nagar, Bangalore - 560043
Karnataka, India
Phone : +91-80-25452617
Email : bookrequest@apcwo.org
Website : **www.apcwo.org**

### ଆର୍ଥିକ ଭାଗୀଦାରୀ :

ଅଲ୍ ପିପୁଲ୍ସ ଚର୍ଚ୍ଚ୍‌ର ସଦସ୍ୟ, ଅଂଶୀଦାର ଓ ବନ୍ଧୁମାନଙ୍କର ଆର୍ଥିକ ସାହାଯ୍ୟ ଯୋଗୁଁ ଏହି ପୁସ୍ତକକୁ ମାଗଣାରେ ବଣ୍ଟନ କରିବା ସମ୍ଭବ ହୋଇପାରିଛି । ମାଗଣାରେ ଉପଲବ୍ଧ ଏହି ପୁସ୍ତକ ଦ୍ୱାରା ଯଦି ଆପଣ ଆତ୍ମିକ ଆଶୀର୍ବାଦ ପାଇଛନ୍ତି, ତେବେ ଏହାର ପୁନଃ ମୁଦ୍ରଣ ଓ ବ□ନ ନିମନ୍ତେ ଅଲ୍ ପିପୁଲ୍ସ ଚର୍ଚ୍ଚ୍ ଉଦ୍ଦେଶ୍ୟରେ ଆପଣଙ୍କ ସ୍ୱେଚ୍ଛାକୃତ ଦାନ ପଠାଇ ପାରନ୍ତି । ଆପଣଙ୍କ ଦାନ କିପରି ପଠାଇବେ ଜାଣିବା ପାଇଁ ଆମର ୱେବ୍‌ସାଇଟ୍ www.apcwo.org/giveକୁ ପରିଦର୍ଶନ କରନ୍ତୁ କିମ୍ବା ଏହି ପୁସ୍ତକର ଶେଷ ଭାଗରେ ଥିବା ପୃଷ୍ଠା "ଅଲ୍ ପିପୁଲ୍ସ ଚର୍ଚ୍ଚ୍‌ର ଅଂଶୀଦାର ହୁଅନ୍ତୁ"କୁ ପାଠ କରନ୍ତୁ । ଧନ୍ୟବାଦ !

### ମେଲିଂ ଲିଷ୍ଟ୍ :

ଏହି ପ୍ରକାଶନ ପକ୍ଷରୁ ନୂତନ ଭାବରେ ପ୍ରକାଶ ପାଉଥିବା ପୁସ୍ତକଗୁଡ଼ିକୁ ପାଇବା ନିମନ୍ତେ ଆପଣଙ୍କର ସଠିକ୍ ଡାକ ଠିକଣା ଆମ ନିକଟକୁ ଇମେଲ୍ କରି ପଠାନ୍ତୁ । ଆପଣଙ୍କ ଠିକଣା ଆମ ମେଲିଂ ଲିଷ୍ଟ୍‌ରେ ଅନ୍ତର୍ଭୁକ୍ତ କରାଯିବ । ଆମର ଇମେଲ୍ : bookrequest@apcwo.org

### ଭାରତ ଭିତରେ ମାଗଣା ବଲ୍କ ଅର୍ଡ଼ର :

ଆପଣଙ୍କ ସ୍ଥାନୀୟ ମଣ୍ଡଳୀରେ, ବାଇବଲ୍ ଅଧ୍ୟୟନ ଦଳରେ, ବାଇବଲ୍ କଲେଜ୍‌ରେ, ସେମିନାର୍‌ରେ, ସଭାସମିତିରେ, ବହି ଦୋକାନରେ, ବ୍ୟବସାୟ ଇତ୍ୟାଦିରେ ମାଗଣାରେ ବ□ନ କରିବା ପାଇଁ ଆମେ ଆମର ପୁସ୍ତକସବୁ ପଠାଇପାରିବୁ । ଆପଣଙ୍କ ଡାକ ଠିକଣା ଓ କେତେ ଖଣ୍ଡ ପୁସ୍ତକ ଆବଶ୍ୟକ ତାହା ଆମକୁ ଇମେଲ୍ କରି bookrequest@apcwo.org ଠିକଣାରେ ପଠାନ୍ତୁ ।

**Baptism in the Holy Spirit (Odia)**

# ପବିତ୍ର ଆତ୍ମାରେ ବାପ୍ତିସ୍ମ

# ସୂଚୀପତ୍ର


| | | |
|---|---|---|
| | ଉପକ୍ରମ | ୧ |
| ୧. | ସେ ତୁମମାନଙ୍କୁ ପବିତ୍ର ଆତ୍ମାରେ ବାପ୍ତିସ୍ମ ଦେବେ | ୩ |
| ୨. | ପ୍ରେରିତ ପୁସ୍ତକର ବିବରଣୀ | ୬ |
| ୩. | କେତୋଟି ସାଧାରଣ ପ୍ରଶ୍ନ | ୧୭ |
| ୪. | ଗ୍ରହଣ କରିବା ପାଇଁ ନିର୍ଦ୍ଦେଶାବଳୀ ଓ ପ୍ରାର୍ଥନା | ୨୫ |
| ୫. | ପବିତ୍ର ଆତ୍ମାରେ ପୂର୍ଣ୍ଣ ହେବା, ଅଭିଷିକ୍ତ ହେବା ଓ ଆଚରଣ କରିବା | ୩୦ |

# ଉପକ୍ରମ

ଆପଣମାନେ ଯେପରି ପବିତ୍ର ଆତ୍ମାଙ୍କୁ ଗ୍ରହଣ ଓ ଅନୁଭବ କରିପାରିବେ ଏଥିପାଇଁ ଆପଣମାନଙ୍କୁ ସାହାଯ୍ୟ କରିବା ଏହି ପୁସ୍ତକର ଲକ୍ଷ୍ୟ । ଆପଣଙ୍କର ବିଶ୍ୱାସକୁ ଗଢ଼ିବା ଓ ଏହି ବିଷୟ ଉପରେ ଥିବା ଆପଣଙ୍କର ପ୍ରଶ୍ନଗୁଡ଼ିକର ସ୍ପଷ୍ଟୀକରଣ ଦେବା ଉଦ୍ଦେଶ୍ୟରେ ଆମେ ଏହି ପ୍ରସଙ୍ଗର ସବିଶେଷ ଅଧ୍ୟୟନ କରିଛୁ । ଆମର ବିଶ୍ୱାସ ଯେ ଯଦି ଆପଣ ଏହି ପୁସ୍ତକର ବିଷୟବସ୍ତୁକୁ ଉଦ୍‌ଯୋଗୀ ହୋଇ ପଢ଼ିବେ ଓ ସମୀକ୍ଷା କରିବେ ଏବଂ ବିଶ୍ୱାସଯୁକ୍ତ ପ୍ରାର୍ଥନାର ପଦକ୍ଷେପ ନେବେ, ତେବେ ଆପଣ ମଧ୍ୟ ପବିତ୍ର ଆତ୍ମାଙ୍କ ବାପ୍ତିସ୍ମ ଗ୍ରହଣ କରିପାରିବେ ।

ଯୀଶୁ ଖ୍ରୀଷ୍ଟଙ୍କର ଜଣେ ସାକ୍ଷୀ ହେବାପାଇଁ ଯେଉଁ ଶକ୍ତି ଆବଶ୍ୟକ ତାହା ପାଇବାକୁ ହେଲେ ପବିତ୍ର ଆତ୍ମାଙ୍କର ବାପ୍ତିସ୍ମ ଅତ୍ୟାବଶ୍ୟକ । ଆମେ ଶକ୍ତିର ସହିତ ସାକ୍ଷ୍ୟ ଦେବାକୁ ହେବ । ଏହି ଶକ୍ତି ବିଶ୍ୱାସୀଠାରୁ ନିର୍ଗତ ହୋଇ ଆରୋଗ୍ୟ, ଉଦ୍ଧାର, ଆଶ୍ଚର୍ଯ୍ୟ କର୍ମ, ଚିହ୍ନ ଓ ଅଦ୍ଭୁତ କର୍ମମାନ ସାଧନ କରିଥାଏ । ଏହି ପୁସ୍ତକ ଆପଣଙ୍କୁ ପବିତ୍ର ଆତ୍ମାଙ୍କ ବାପ୍ତିସ୍ମ ଲାଭ କରିବା ଦିଗରେ ସାହାଯ୍ୟ କରିବ, ଯଦ୍ଦ୍ୱାରା ଆପଣ ମଧ୍ୟ ଶକ୍ତିର ସହିତ ଯୀଶୁ ଖ୍ରୀଷ୍ଟଙ୍କର ଜଣେ ସାକ୍ଷୀ ହୋଇପାରିବେ । ଏହା ଏକ ଉତ୍ତେଜନାପୂର୍ଣ୍ଣ ଯାତ୍ରାର ଆରମ୍ଭ ହେବ ।

ଏ ସମ୍ପର୍କିତ ଅନ୍ୟ ଦୁଇଟି ପୁସ୍ତକ ମଧ୍ୟ ପଢ଼ିବା ପାଇଁ ଆମେ ଆପଣଙ୍କୁ ଉତ୍ସାହିତ କରୁ, ଯାହା ବିଶ୍ୱାସୀର ଜୀବନରେ ପବିତ୍ର ଆତ୍ମାଙ୍କ କାର୍ଯ୍ୟ ଓ ସେବା ସମ୍ବନ୍ଧୀୟ ସତ୍ୟକୁ ଆବିଷ୍କାର କରିବାରେ ଆପଣଙ୍କୁ ସାହାଯ୍ୟ କରିବ : ''ପରଭାଷାରେ ପ୍ରାର୍ଥନା କରିବାର ବିସ୍ମୟକର ଉପକାରସମୂହ'' ଏବଂ ''Gifts of the Spirit'' । ଏହି ଦୁଇ ପୁସ୍ତକ ଅଲ୍ ପିପୁଲ୍ସ ଚର୍ଚ୍ଚର ପ୍ରକାଶନ ପକ୍ଷରୁ ମାଗଣାରେ ମିଳେ ।

ମୁଁ ୧୩ ବର୍ଷ ବୟସରେ ପାଦ ଦେବା ପୂର୍ବରୁ ଈଶ୍ୱର ତାଙ୍କ ଅନୁଗ୍ରହରେ ମୋର ଜୀବନକୁ ସ୍ପର୍ଶ କଲେ ଏବଂ ଯୀଶୁ ଖ୍ରୀଷ୍ଟଙ୍କୁ ପ୍ରଭୁ ଓ ତ୍ରାଣକର୍ତ୍ତା ରୂପେ ଜାଣିବାକୁ ମୋତେ

ଦେଲେ । ତା'ପରବର୍ଷ ମୁଁ ପବିତ୍ର ଆତ୍ମାଙ୍କର ବାପ୍ତିସ୍ମ ଲାଭ କଲି ଓ ପରଭାଷାରେ କଥା କହିଲି, ଏବଂ ସେହି ସମୟଠାରୁ ପରଭାଷା କହି ଆସୁଛି । ମୁଁ ମୋର ବନ୍ଧୁମାନଙ୍କୁ ପ୍ରଭୁ ଯୀଶୁଙ୍କ ବିଷୟରେ ଓ ପବିତ୍ର ଆତ୍ମାରେ ବାପ୍ତିସ୍ମ ବିଷୟରେ କହିବାକୁ ଲାଗିଲି ଏବଂ ଅନେକେ ସେମାନଙ୍କର କିଶୋର ଅବସ୍ଥାରେ ହିଁ ପରିତ୍ରାଣ ପାଇଲେ ଓ ପବିତ୍ର ଆତ୍ମାରେ ବାପ୍ତିଜିତ ହେଲେ । ଏଣୁ ମୁଁ ସେହି ସମୟରୁ ଅନେକଙ୍କୁ ପବିତ୍ର ଆତ୍ମାରେ ବାପ୍ତିନିତ ହେବା ଦେଖି ଆନନ୍ଦ ଲାଭ କରି ଆସୁଛି । ଆପଣ ବି ତାହା ପାଇ ପାରିବେ । ଆପଣ ଏହି ପୁସ୍ତକକୁ ବ୍ୟବହାର କରି ବିଶ୍ୱାସୀମାନଙ୍କୁ ପବିତ୍ର ଆତ୍ମାଙ୍କ ବାପ୍ତିସ୍ମ ବିଷୟରେ କହନ୍ତୁ ଓ ସେମାନେ ଏହି ଆଶ୍ଚର୍ଯ୍ୟ ଶକ୍ତି ପ୍ରାପ୍ତ ହେବା ନିମନ୍ତେ ସେମାନଙ୍କୁ କଢ଼ାଇ ନିଅନ୍ତୁ, ଯେପରି କି ସେମାନେ ଯୀଶୁଖ୍ରୀଷ୍ଟଙ୍କର ସାକ୍ଷୀ ହୋଇପାରିବେ ।

ଆଶୀର୍ବାଦ ସହ !

**ଆଶିଷ୍ ରାଇଚୁର୍**

# ୧

# ସେ ତୁମମାନଙ୍କୁ ପବିତ୍ର ଆତ୍ମାରେ ବାପ୍ତିସ୍ମ ଦେବେ

ବାପ୍ତିଜକ ଯୋହନ ଯେତେବେଳେ ଯୀଶୁଙ୍କ ସେବାକାର୍ଯ୍ୟ ବିଷୟରେ ଲୋକଙ୍କୁ କହିଲେ, ସେ ଘୋଷଣା କଲେ ଯେ ପ୍ରଭୁ ଯୀଶୁ ଲୋକମାନଙ୍କୁ ପବିତ୍ର ଆତ୍ମା ଓ ଅଗ୍ନିରେ ବାପ୍ତିସ୍ମ ଦେବେ ।

''ମୁଁ ସିନା ତୁମମାନଙ୍କୁ ମନ ପରିବର୍ତ୍ତନ ନିମନ୍ତେ ଜଳରେ ବାପ୍ତିସ୍ମ ଦେଉଅଛି, ମାତ୍ର ମୋ' ଉତ୍ତାରେ ଯେ ଆସୁଅଛନ୍ତି, ସେ ମୋ'ଠାରୁ ଅଧିକ ଶକ୍ତିମାନ, ତାହାଙ୍କ ପାଦୁକା ବହନ କରିବା ପାଇଁ ମୁଁ ଯୋଗ୍ୟ ନୁହେଁ; ସେ ତୁମ୍ଭମାନଙ୍କୁ ପବିତ୍ର ଆତ୍ମା ଓ ଅଗ୍ନିରେ ବାପ୍ତିସ୍ମ ଦେବେ । ତାହାଙ୍କ ହାତରେ କୁଲା ଅଛି, ଆଉ ସେ ନିଜ ଖଳା ଉତ୍ତମରୂପେ ପରିଷ୍କାର କରି ଆପଣା ଗହମ ଅମାରରେ ସଂଗ୍ରହ କରି ରଖିବେ, କିନ୍ତୁ ଅଗାଡ଼ିଯାକ ଅନିର୍ବାଣ ଅଗ୍ନିରେ ପୋଡ଼ିପକାଇବେ'' (ମାଥିଉ ୩: ୧୧-୧୨) ।

ଏଠାରେ ଯୋହନ ଯେଉଁ ଅଗ୍ନି ବିଷୟରେ କହନ୍ତି ତାହା ଅଗାଡ଼ିସବୁକୁ ପୋଡ଼ି ପକାଇବ । ବାଇବଲରେ ଦୁଷ୍ଟମାନଙ୍କୁ ଓ ଯାହା ଶାରୀରିକ ତାକୁ ଅଗାଡ଼ି ଭାବରେ ବର୍ଣ୍ଣନା କରାଯାଏ (ଗୀତ ୧:୪; ୩୫:୫; ଯିରି ୨୩:୨୮) । ବିଶ୍ୱାସୀର ଜୀବନରେ, ଅଗାଡ଼ିସବୁକୁ ଅଗ୍ନି ପୋଡ଼ି ପକାଏ, ଯାହା ଈଶ୍ୱରଙ୍କର ନୁହେଁ ଓ ଯାହା ଦୁଷ୍ଟତାପୂର୍ଣ୍ଣ ସେସବୁକୁ ପୋଡ଼ି ପକାଏ । ବାପ୍ତିଜକ ଯୋହନ ଯାହା କହନ୍ତି ତାହା ମଧ୍ୟ ଶେଷ ସମୟରେ ଦୁଷ୍ଟମାନଙ୍କର ଅନ୍ତିମ, ଅନନ୍ତ ବିଚାରକୁ ବୁଝାଏ (ପ୍ରକାଶିତ ୨୦:୧୦, ୧୫) । ତେଣୁ 'ଅଗ୍ନି' ଉଭୟ ବିଶ୍ୱାସୀ ଜୀବନରେ ପରିଷ୍କାର କାର୍ଯ୍ୟ ଏବଂ ପାପୀମାନଙ୍କର ଅନନ୍ତ ବିଚାର ବିଷୟରେ ପ୍ରକାଶ କରେ ।

ବର୍ତ୍ତମାନ ପବିତ୍ର ଆତ୍ମାଙ୍କ ବାପ୍ତିସ୍ମ ସମ୍ପର୍କରେ ଦେଖିବା । ଆମେ ଜାଣୁ ଯେ ପ୍ରଭୁ ଯୀଶୁଙ୍କର ପାର୍ଥିବ ଜୀବନର ସେବାକାର୍ଯ୍ୟ ପବିତ୍ର ଆତ୍ମାଙ୍କ ଶକ୍ତିରେ ପରିଚାଳିତ ହୋଇଥିଲା

(ଲୂକ ୪: ୧୪, ୧୮, ୧୯; ମାଥିଉ  ୧୨:୨୮; ପ୍ରେରିତ ୧୦:୩୮) । ସେ ମଧ୍ୟ ପବିତ୍ର ଆତ୍ମାଙ୍କ ବିଷୟରେ ଶିକ୍ଷା ଦେଇଥିଲେ ଏବଂ ସେ ପ୍ରତିଜ୍ଞା କରିଥିଲେ ଯେ ସେ ''ପିତାଙ୍କର ପ୍ରତିଜ୍ଞା''କୁ ପଠାଇବେ, ଯଦ୍ଦ୍ୱାରା ବିଶ୍ୱାସୀମାନେ ଶକ୍ତି ପ୍ରାପ୍ତ ହେବେ ଓ ସେ ଯେଉଁସବୁ କାର୍ଯ୍ୟ କରିଛନ୍ତି ସେମାନେ ମଧ୍ୟ ତାହା କରିପାରିବେ (ଯୋହନ ୧୪:୧୨, ୨୬; ୧୫:୨୬; ୧୬: ୭-୧୩) । ତଥାପି, ତାଙ୍କର ପାର୍ଥିବ ସେବାକାର୍ଯ୍ୟରେ ସେ କାହାକୁ ହେଲେ ପବିତ୍ର ଆତ୍ମାରେ ବାପ୍ତିସ୍ମ ଦେଇ ନ ଥିଲେ ।

ତାଙ୍କର ପୁନରୁତ୍ଥାନ ପରେ ସେ ଶିଷ୍ୟମାନଙ୍କୁ ଭେଟିଲେ ଓ ସେମାନଙ୍କ ଉପରେ ନିଃଶ୍ୱାସ ଛାଡ଼ିଲେ ଯେପରି ସେମାନେ ପବିତ୍ର ଆତ୍ମାଙ୍କୁ ଗ୍ରହଣ କରିବେ ।

''ଯୀଶୁ ସେମାନଙ୍କୁ ପୁନର୍ବାର କହିଲେ, ତୁମ୍ଭମାନଙ୍କର ଶାନ୍ତି ହେଉ; ପିତା ଯେପ୍ରକାରେ ମୋତେ ପ୍ରେରଣ କରିଅଛନ୍ତି, ମୁଁ ମଧ୍ୟ ସେପ୍ରକାରେ ତୁମ୍ଭମାନଙ୍କୁ ପ୍ରେରଣ କରୁଅଛି । ସେ ଏହା କହି ସେମାନଙ୍କ ଉପରେ ପ୍ରଶ୍ୱାସ ଛାଡ଼ି ସେମାନଙ୍କୁ କହିଲେ, ପବିତ୍ର ଆତ୍ମାଙ୍କୁ ଗ୍ରହଣ କର'' (ଯୋହନ ୨୦: ୨୧-୨୨) ।

ଶିଷ୍ୟମାନେ ସେସମୟରେ ପୁନର୍ଜନ୍ମ ପାଇଲେ । ଏହା କହିବାର ତାତ୍ପର୍ଯ୍ୟ ଏହି ଯେ ଈଶ୍ୱର ପ୍ରଥମେ ମନୁଷ୍ୟକୁ ଫୁଙ୍କ ଦେଇ ପ୍ରାଣବାୟୁ ସଞ୍ଚାର କରି କିଛି ପରିମାଣରେ ଆପଣାକୁ ମନୁଷ୍ୟ ମଧ୍ୟରେ ପ୍ରବେଶ କରାଇଥିଲେ (ଆଦି ୨:୭) । ତେଣୁ ଏହି କ୍ଷେତ୍ରରେ ସେମାନେ ପବିତ୍ର ଆତ୍ମାରେ ଜନ୍ମ ନେଲେ । ସେମାନଙ୍କ ନିଜର ଆତ୍ମା ଜୀବନ ପାଇଲା ଓ ସେମାନେ ନୂତନ ସୃଷ୍ଟି ହେଲେ ।

ପିତା ଯେପରି ତାଙ୍କୁ ପ୍ରେରଣ କରିଥିଲେ ସେହିପରି ପ୍ରଭୁ ଯୀଶୁ ତାଙ୍କ ଶିଷ୍ୟମାନଙ୍କୁ ଯିବା ପାଇଁ ଆଦେଶ ଦେଇଥିଲେ ଏବଂ ଯଦିବା  ସେମାନେ ପୁନର୍ଜନ୍ମ ପାଇଥିଲେ, ପ୍ରଭୁ ଯୀଶୁ ସେମାନଙ୍କୁ ଯିରୁଶାଲମରେ ଅପେକ୍ଷା କରିବାକୁ କହିଲେ ଯେପରି କି ସେମାନେ ପବିତ୍ର ଆତ୍ମାଙ୍କ ବାପ୍ତିସ୍ମ ଲାଭ କରିବେ ଓ ଊର୍ଦ୍ଧ୍ୱରୁ ଶକ୍ତି ପ୍ରାପ୍ତ ହେବେ ।

''ତୁମେମାନେ ଏହିସମସ୍ତ ବିଷୟର ସାକ୍ଷୀ ଅଟ । ଆଉ ଦେଖ, ମୋହର ପିତା ଯାହା ପ୍ରତିଜ୍ଞା କରିଅଛନ୍ତି, ତାହା ମୁଁ ତୁମ୍ଭମାନଙ୍କ ନିକଟକୁ ପଠାଉଅଛି, କିନ୍ତୁ ଊର୍ଦ୍ଧ୍ୱରୁ ଶକ୍ତିପ୍ରାପ୍ତ ନ ହେବା ପର୍ଯ୍ୟନ୍ତ ତୁମ୍ଭେମାନେ ଏହି ନଗରରେ ରହିଥାଅ'' (ଲୂକ୨୪: ୪୮-୪୯) ।

''ଥରେ ସେମାନଙ୍କ ସହିତ ଭୋଜନରେ ବସିବା ସମୟରେ ସେ ସେମାନଙ୍କୁ ଏହି ଆଜ୍ଞା ଦେଲେ, ତୁମ୍ଭେମାନେ ଯିରୁଶାଲମରୁ ପ୍ରସ୍ଥାନ କରନାହିଁ, କିନ୍ତୁ ପିତାଙ୍କର ଯେଉଁ ପ୍ରତିଜ୍ଞା

ବିଷୟ ମୋ'ଠାରୁ ଶୁଣିଅଛ, ସେଥିର ଅପେକ୍ଷାରେ ରହିଥାଅ । କାରଣ ଯୋହନ ଜଳରେ ବାପ୍ତିସ୍ମ ଦେଲେ ସତ, କିନ୍ତୁ ତୁମ୍ଭେମାନେ ଅଳ୍ପ ଦିନ ମଧ୍ୟରେ ପବିତ୍ର ଆତ୍ମାରେ ବାପ୍ତିଜିତ ହେବ । କିନ୍ତୁ ପବିତ୍ରଆତ୍ମା ତୁମ୍ଭମାନଙ୍କ ଉପରେ ଅବତୀର୍ଣ୍ଣ ହୁଅନ୍ତେ, ତୁମ୍ଭେମାନେ ଶକ୍ତିପ୍ରାପ୍ତ ହେବ, ଆଉ ଯିରୁଶାଲମ, ସମସ୍ତ ଯିହୂଦା ପ୍ରଦେଶ ଓ ଶମିରୋଣ, ପୁଣି ପୃଥିବୀର ପ୍ରାନ୍ତ ପର୍ଯ୍ୟନ୍ତ ସୁଦ୍ଧା ମୋହର ସାକ୍ଷୀ ହେବ'' (ପ୍ରେରିତ ୧: ୪-୫, ୮) ।

''ବାପ୍ତିସ୍ମ'' ଶବ୍ଦର ଅର୍ଥ ପାଣିରେ ବୁଡ଼ି ଉଠିବା, ପାଣି ତଳକୁ ଚାଲିଯିବା, ନିମଜ୍ଜିତ କରିବା ଓ ବୁଡ଼ାଇବା । ଏଥିରେ ଥିବା ଧାରଣା ହେଉଛି ପୂରା ଆଚ୍ଛାଦନ କରିବା, ବେଷ୍ଟନ କରିବା ଓ ପାଣିରେ ଡୁବାଇଦେବା ।

ପବିତ୍ର ଆତ୍ମାରେ ବାପ୍ତିସ୍ମର ଉଦ୍ଦେଶ୍ୟ ବିଶ୍ୱାସୀମାନଙ୍କୁ ଈଶ୍ୱରଙ୍କ ଶକ୍ତିରେ ଭୂଷିତ କରିବା (ବସ୍ତ୍ରାନ୍ୱିତ କରିବା), ଯେପରି କି ସେମାନେ ପୃଥିବୀର ପ୍ରାନ୍ତ ପର୍ଯ୍ୟନ୍ତ ସୁଦ୍ଧା ଯୀଶୁଙ୍କ ପାଇଁ ସାକ୍ଷୀ ହେବେ ।

## ୨

# ପ୍ରେରିତ ପୁସ୍ତକର ବିବରଣୀ

ପ୍ରେରିତ ପୁସ୍ତକରେ ବ୍ୟକ୍ତିଗତ ରୂପେ ବା ଦଳଗତ ଭାବରେ ବିଶ୍ୱାସୀମାନେ କିପରି ପବିତ୍ର ଆତ୍ମାରେ ବାପ୍ତିସ୍ମ ଲାଭ କରିଥିଲେ ସେ ବିଷୟରେ **ପାଞ୍ଚୋଟି ଘଟଣା** ବର୍ଣ୍ଣିତ ହୋଇଛି । ସେଗୁଡ଼ିକୁ ଆମେ ଏବେ ସମୀକ୍ଷା କରିବା । ନିଶ୍ଚିତରୂପେ ଏପରି ଅନେକ ଘଟଣା ଘଟିଛି, ତେବେ ଏଗୁଡ଼ିକ ଆମର ଶିକ୍ଷା ଓ ନିର୍ଦ୍ଦେଶ ଉଦ୍ଦେଶ୍ୟରେ ଲେଖାଯାଇଛି । ଆମମାନଙ୍କ ନିମନ୍ତେ ପବିତ୍ର ଆତ୍ମା ଯାହା ଲେଖିଛନ୍ତି ସେଗୁଡ଼ିକୁ ଆଲୋଚନା କରିବା ଓ ସେଥିରୁ ଅନ୍ତର୍ଦୃଷ୍ଟି ପ୍ରାପ୍ତ ହେବା ।

### ୧. ପେଣ୍ଟିକଷ୍ଟ ଦିବସ

''ପେଣ୍ଟିକଷ୍ଟ ଦିବସ ଉପସ୍ଥିତ ହୁଅନ୍ତେ, ସମସ୍ତେ ଏକ ସ୍ଥାନରେ ସମବେତ ଥିଲେ । ଆଉ, ପ୍ରବଳ ବେଗରେ ବହୁଥିବା ପ୍ରଚଣ୍ଡ ପବନର ଶବ୍ଦ ତୁଲ୍ୟ ଗୋଟିଏ ଶବ୍ଦ ଅକସ୍ମାତ୍ ଆକାଶରୁ ଆସି, ଯେଉଁ ଗୃହରେ ସେମାନେ ବସିଥିଲେ, ସେହି ଗୃହର ସର୍ବତ୍ର ବ୍ୟାପିଗଲା, ଆଉ ଅଗ୍ନିସଦୃଶ ଜିହ୍ୱାଗୁଡ଼ିକ ସେମାନଙ୍କ ଦୃଷ୍ଟିଗୋଚର ହୋଇ ଗୋଟି ଗୋଟି କରି ସେମାନଙ୍କ ପ୍ରତ୍ୟେକ ଜଣଙ୍କ ଉପରେ ଅଧିଷ୍ଠିତ ହେଲା । ସେଥିରେ ସମସ୍ତେ ପବିତ୍ର ଆତ୍ମାରେ ପରିପୂର୍ଣ୍ଣ ହେଲେ, ପୁଣି, ଆତ୍ମା ସେମାନଙ୍କୁ ଯେପରି କହିବାକୁ ଶକ୍ତି ଦେଲେ, ତଦନୁସାରେ ସେମାନେ ଅନ୍ୟାନ୍ୟ ଭାଷାରେ କଥା କହିବାକୁ ଲାଗିଲେ'' (ପ୍ରେରିତ ୨: ୧-୪) ।

ଯେତେବେଳେ ପେଣ୍ଟିକଷ୍ଟ ଦିବସରେ ୧୨୦ ଜଣ ଶିଷ୍ୟ ପବିତ୍ର ଆତ୍ମାରେ ବାପ୍ତିଜିତ ହେଲେ ଅସାଧାରଣ ଘଟଣାସବୁ ଘଟିଥିଲା: ପ୍ରଚଣ୍ଡ ପବନର ଶବ୍ଦ ତୁଲ୍ୟ ଗୋଟିଏ ଶବ୍ଦ ଆକାଶରୁ ଆସିଲା, ଅଗ୍ନି ସଦୃଶ ଜିହ୍ୱାଗୁଡ଼ିକ ଗୋଟି ଗୋଟି କରି ସେମାନଙ୍କ ପ୍ରତ୍ୟେକ ଜଣଙ୍କ ଉପରେ ଅଧିଷ୍ଠିତ ହେଲା ଏବଂ ସେମାନେ ଅନ୍ୟାନ୍ୟ ଭାଷାରେ କଥା କହିବାକୁ ଲାଗିଲେ ।

ଏଠାରେ କେତୋଟି ବିଷୟକୁ ଲକ୍ଷ୍ୟ କରନ୍ତୁ:

- ସେମାନେ ପବିତ୍ର ଆତ୍ମାରେ ବାପ୍ତିଜିତ ହେଲେ (ପ୍ରେରିତ ୧:୫) ଏବଂ ପବିତ୍ର ଆତ୍ମାରେ ପୂର୍ଣ୍ଣହେଲେ (ପ୍ରେରିତ ୨:୪) । ତେଣୁ ସେମାନେ ପବିତ୍ର ଆତ୍ମାଙ୍କ ଦ୍ୱାରା ବପ୍ତାନ୍ୱିତ ହେଲେ ଓ ତାଙ୍କ ଦ୍ୱାରା ପରିପୂର୍ଣ୍ଣ ହେଲେ ।

- ଲକ୍ଷ୍ୟ କରନ୍ତୁ ଯେ ସେମାନେ ଅନ୍ୟାନ୍ୟ ଭାଷାରେ କଥା କହିଲେ, ଅର୍ଥାତ୍ ସେମାନଙ୍କ କଣ୍ଠରୁ ହିଁ ସେହିସବୁ ଭାଷାର ଶବ୍ଦଗୁଡ଼ିକ ନିର୍ଗତ ହେଉଥିଲା । ସେମାନେ ନିଜେ କହିଲେ, ପବିତ୍ର ଆତ୍ମା କହିନାହାନ୍ତି । ପବିତ୍ର ଆତ୍ମା କେବଳ ସେମାନଙ୍କୁ କୌଣସି ଏକ ନିର୍ଦ୍ଦିଷ୍ଟ ଭାଷାରେ କଥା କହିବାର ଶକ୍ତି ଦେଲେ ।

ପେଣ୍ଟିକଷ୍ଟ ଦିବସ କହିଲେ ଫଳ ସଂଗ୍ରହ ପର୍ବକୁ ବୁଝାଏ । ପ୍ରଥମ ଫଳର ଉତ୍ସବ ପରବର୍ତ୍ତୀ ପଞ୍ଚାଶତମ ଦିନକୁ ପେଣ୍ଟିକଷ୍ଟ ପର୍ବ କୁହାଯାଉଥିଲା । ଯିରୁଶାଲମ ସେ ସମୟରେ ଲୋକାରଣ୍ୟ ରହୁଥିଲା, କାରଣ ଉକ୍ତ ପର୍ବ ପାଳନ କରିବାକୁ ଅନେକ ଲୋକ ଆସୁଥିଲେ । ଉପର କୋଠରୀରେ ଯାହା ଘଟୁଥିଲା ତାହା ଲୋକମାନେ ଶୁଣିବା ପରେ ସେମାନଙ୍କର ପ୍ରତିକ୍ରିୟା ଭିନ୍ନ ଭିନ୍ନ ହୋଇଥିଲା । ସେମାନେ ହତବୁଦ୍ଧି ଓ ଆଚମ୍ଭିତ ହୋଇଥିଲେ, କିନ୍ତୁ ଅନ୍ୟମାନେ ବିଦ୍ରୁପ କରି କହିଲେ, ଏମାନେ ମାତାଲ୍ ଅଟନ୍ତି ।

''କିନ୍ତୁ ପିତର ଏକାଦଶଙ୍କ ସହିତ ଠିଆ ହୋଇ ଉଚ୍ଚସ୍ୱରରେ ସେମାନଙ୍କ ନିକଟରେ ବକ୍ତୃତା କରି କହିଲେ, ହେ ଯିହୂଦୀ ଲୋକେ ଓ ଯିରୁଶାଲମ ନିବାସୀ ସମସ୍ତେ, ଆପଣମାନେ ଏହା ଜ୍ଞାତ ହୁଅନ୍ତୁ ଓ ମୋହର କଥାରେ କର୍ଣ୍ଣପାତ କରନ୍ତୁ । କାରଣ ଆପଣମାନେ ଯେପରି ମନେ କରୁଅଛନ୍ତି, ଏମାନେ ସେପରି ମାତାଲ୍ ନୁହନ୍ତି, ଯେଣୁ ବର୍ତ୍ତମାନ ସମୟ ସକାଳ ନଅ ଘଣ୍ଟା ମାତ୍ର । କିନ୍ତୁ ଯୋୟେଲ ଭାବବାଦୀଙ୍କ ଦ୍ୱାରା ଯାହା ଉକ୍ତ ଅଛି, ଏ ସେହି ଘଟନା- ଈଶ୍ୱର କହନ୍ତି, ଶେଷକାଳରେ ଏପରି ଘଟିବ ଯେ, ଆମ୍ଭେ ସମସ୍ତ ମର୍ତ୍ତ୍ୟ ଉପରେ ଆପଣା ଆତ୍ମା ବୃଷ୍ଟି କରିବା, ସେଥିରେ ତୁମ୍ଭମାନଙ୍କର ପୁତ୍ରକନ୍ୟାମାନେ ଭାବବାଣୀ କହିବେ, ଆଉ ତୁମ୍ଭମାନଙ୍କର ଯୁବାମାନେ ଦର୍ଶନ ପାଇବେ, ପୁଣି ତୁମ୍ଭମାନଙ୍କର ପ୍ରାଚୀନମାନେ ସ୍ୱପ୍ନ ଦେଖିବେ । ହଁ, ସେହି କାଳରେ ଆମ୍ଭେ ନିଜ ଦାସଦାସୀମାନଙ୍କ ଉପରେ ଆପଣା ଆତ୍ମା ବୃଷ୍ଟି କରିବା, ସେଥିରେ ସେମାନେ ଭାବବାଣୀ କହିବେ'' (ପ୍ରେରିତ ୨: ୧୪-୧୮) ।

ପ୍ରେରିତ ପିତର ପବିତ୍ର ଆତ୍ମାଙ୍କ ପ୍ରେରଣାରେ ପୁରାତନ ନିୟମର ଯୋୟେଲ ପୁସ୍ତକରୁ (ଯୋୟେଲ ୨: ୨୮-୩୨) ଉଦ୍ଧୃତ କରି କହିଲେ ଓ ବୁଝାଇଲେ ଯେ ଯାହା ଘଟୁଛି ତାହା ସେହି ଭାବବାଣୀକୁ ସଫଳ କରୁଛି ।

ଆମେ ଏଠାରେ ଲକ୍ଷ୍ୟ କରିବା ଯେ ଯୋୟେଲଙ୍କ ଭାବବାଣୀରେ କୁହାଯାଏ ଆତ୍ମା ବୃଷ୍ଟି ହେଲେ **ଭାବବାଣୀ କହିବା, ଦର୍ଶନ ଓ ସ୍ୱପ୍ନ ଦେଖିବାର** ଚିହ୍ନ ଦେଖାଯିବ । ତେବେ ପେଣ୍ଟିକଷ୍ଟ ଦିବସରେ ଏପରି ହୋଇ ନ ଥିଲା, ମାତ୍ର **ଶବ୍ଦ, ଅଗ୍ନି ଓ ଅନ୍ୟାନ୍ୟ ଭାଷା** ପ୍ରକାଶ ପାଇଥିଲା । ତଥାପି, ପବିତ୍ର ଆତ୍ମା ପିତରଙ୍କ ଦ୍ୱାରା କହିଲେ, *'ଯାହା ଉକ୍ତ ଅଛି, ଏ ସେହି ଘଟନା'* (ପ୍ରେରିତ ୨:୧୬) କିଅବା ସେହି ବିଷୟ ହିଁ ସଫଳ ହେଉଛି । ଏଠାରେ ଏହି ଶିକ୍ଷା ରହିଛି ଯେ ପବିତ୍ର ଆତ୍ମା ଚଳପ୍ରଚଳ ହେଲେ ପ୍ରକାଶନସମୂହ ସର୍ବଦା ସମାନ ରହିବ ନାହିଁ । କିନ୍ତୁ ଏହାକୁ ଆତ୍ମାଙ୍କ ବୃଷ୍ଟି ବୋଲି ହିଁ କୁହାଯିବ, କାରଣ ସେହି ପବିତ୍ର ଆତ୍ମା ଏଠାରେ କାର୍ଯ୍ୟ କରୁଛନ୍ତି ।

ପିତରଙ୍କ ପ୍ରଚାର ପରେ ୩୦୦୦ ଲୋକ ସେହି ଦିନ ପରିତ୍ରାଣ ପାଇଥିଲେ । ଆମେମାନେ ପବିତ୍ର ଆତ୍ମାଙ୍କ ଅଭିଷେକରେ ଯେତେବେଳେ ପ୍ରଚାର କରୁ ଏପରି ବହୁ ସଂଖ୍ୟକ ଆତ୍ମାଲାଭ ଆମେ ଆଶା କରିପାରିବା । ଏହିପରି ଘଟଣା ବାରମ୍ବାର ଘଟିପାରେ ।

''ତେଣୁ ପିତର ସେମାନଙ୍କୁ କହିଲେ, ଆପଣମାନେ ମନପରିବର୍ତ୍ତନ କରନ୍ତୁ, ଆଉ ନିଜ ନିଜ ପାପ କ୍ଷମା ନିମନ୍ତେ ପ୍ରତ୍ୟେକ ଜଣ ଯୀଶୁ ଖ୍ରୀଷ୍ଟଙ୍କ ନାମରେ ବାପ୍ତିଜିତ ହେଉନ୍ତୁ; ତାହାହେଲେ ଆପଣମାନେ ପବିତ୍ରଆତ୍ମାଙ୍କର ଦାନ ପ୍ରାପ୍ତ ହେବେ । କାରଣ ଏହି ପ୍ରତିଜ୍ଞା ଆପଣମାନଙ୍କ ନିମନ୍ତେ, ଆପଣମାନଙ୍କର ସନ୍ତାନସନ୍ତତିମାନଙ୍କ ନିମନ୍ତେ, ପୁଣି ଦୂରବର୍ତ୍ତୀ ଯେତେ ଲୋକଙ୍କୁ ପ୍ରଭୁ ଆମ୍ଭମାନଙ୍କ ଈଶ୍ୱର ଆପଣା ନିକଟକୁ ଡାକିବେ, ସେହି ସମସ୍ତଙ୍କ ନିମନ୍ତେ'' (ପ୍ରେରିତ ୨: ୩୮-୩୯) ।

ମନ ପରିବର୍ତ୍ତନ କରିବା ପାଇଁ ଆହ୍ୱାନ ଦେବା ସଂଗେ ସଂଗେ ପିତର ଲୋକମାନଙ୍କୁ ମଧ୍ୟ ସୂଚାଇ ଦେଲେ କେବଳ ଯେ ସେମାନଙ୍କର ପାପ କ୍ଷମା ହେବ ତାହା ନୁହେଁ, ସେମାନେ ମଧ୍ୟ *''ପବିତ୍ର ଆତ୍ମାଙ୍କର ଦାନ ପ୍ରାପ୍ତ ହେବେ''* । ୧୨୦ଜଣ ଶିଷ୍ୟ ଯାହା ଲାଭ କଲେ ସେମାନେ ମଧ୍ୟ ତାହା ଦାନରୂପେ ପ୍ରାପ୍ତ ହେବେ । ଆତ୍ମାଙ୍କ ବୃଷ୍ଟି ଆମମାନଙ୍କୁ ଦାନରୂପେ ଦିଆଯାଏ । ଆମେ କେବଳ ଏହାକୁ ବିଶ୍ୱାସରେ ଗ୍ରହଣ କରିବାକୁ ହେବ । ପବିତ୍ର ଆତ୍ମାରୂପ ଦାନକୁ ଆମେ ଉପାର୍ଜନ କରି ନ ଥାଉ ।

ଅନ୍ୟ ଯେଉଁ ଗୁରୁତ୍ୱପୂର୍ଣ୍ଣ ସତ୍ୟ ପିତର ସୂଚାନ୍ତି, ତା' ହେଲା ଏହି ''ପ୍ରତିଜ୍ଞା'' ବା ଏହି ସମ୍ବାଦ ତୁମ ସନ୍ତାନସନ୍ତତିମାନଙ୍କ ନିମନ୍ତେ (ସବୁ ପିଢ଼ିର), ଦୂରବର୍ତ୍ତୀ ଲୋକମାନଙ୍କ ନିମନ୍ତେ (ବିଭିନ୍ନ ଜାତିର ଲୋକ) ଏବଂ ଯେତେ ଲୋକଙ୍କୁ ପ୍ରଭୁ ଆମମାନଙ୍କ ଈଶ୍ୱର ଆପଣା ନିକଟକୁ ଡାକିବେ (ବିଭିନ୍ନ ଲୋକଦଳକୁ, ବିଭିନ୍ନ ସମୟରେ) ସେମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ।

ପିତର କହିଲେ ଯେ ଏହି ପ୍ରତିଜ୍ଞା ସେମାନଙ୍କ ନିମନ୍ତେ ଅର୍ଥାତ୍ ଯେଉଁମାନଙ୍କୁ ପ୍ରଭୁ ଆମମାନଙ୍କ ଈଶ୍ୱର ଆପଣା ନିକଟକୁ ଡାକିବେ । **ଈଶ୍ୱର ଯେହେତୁ ଲୋକମାନଙ୍କୁ ଡାକୁଅଛନ୍ତି, ପରିତ୍ରାଣର ''ପ୍ରତିଜ୍ଞା'' ଓ ପବିତ୍ର ଆତ୍ମାଙ୍କ ଦାନ ବିଷୟରେ ଯାହା ପ୍ରେରିତ ୨:୩୮ରେ କୁହାଯାଏ ତାହା ଆଜି ମଧ୍ୟ ଆମମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ।** ପବିତ୍ର ଆତ୍ମାଙ୍କ ବୃଷ୍ଟି କିଅବା ପବିତ୍ର ଆତ୍ମାରେ ବାପ୍ତିସ୍ମ ମଣ୍ଡଳୀ ଯୁଗରେ ବାସ କରୁଥିବା ସମସ୍ତ ବିଶ୍ୱାସୀଙ୍କ ନିମନ୍ତେ ରହିଛି ।

## ୨. ଶମିରୋଣର ବିଶ୍ୱାସୀମାନେ

ପ୍ରେରିତ ୮ ଅଧ୍ୟାୟରେ ଯିରୁଶାଲମର ବିଶ୍ୱାସୀମାନଙ୍କ ପ୍ରତି ଯେଉଁ ତାଡ଼ନା ଘଟିଲା ତା' ଫଳରେ ଛିନ୍ନଭିନ୍ନ ହୋଇ ସେମାନେ ଆଖପାଖରେ ଥିବା ଗ୍ରାମ, ସହର ଓ ନଗର ସବୁକୁ ପଳାୟନ କଲେ । ଫିଲିପ୍, ଯେ କି ଯିରୁଶାଲମ ମଣ୍ଡଳୀରେ ସେବା କରୁଥିଲେ ସେ ଶମିରୋଣର ପ୍ରଧାନ ନଗରକୁ ଯାଇ ଲୋକମାନଙ୍କ ନିକଟରେ ଖ୍ରୀଷ୍ଟଙ୍କୁ ପ୍ରଚାର କଲେ । ଅନେକେ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କଠାରେ ବିଶ୍ୱାସ କଲେ । ଶିମୋନ ନାମକ ଜଣେ କୁହୁକ କର୍ମକାରୀ ମଧ୍ୟ ପ୍ରଭୁଙ୍କୁ ଗ୍ରହଣ କରିଥିଲା । ସେ କୁହୁକକର୍ମ କରି ନିଜକୁ ଜଣେ ମହାପୁରୁଷ କହି ଲୋକମାନଙ୍କୁ ଭୁଆଁ ବୁଲାଇ ରଖିଥିଲା । ଏହି ବିଶ୍ୱାସୀମାନେ ଜଳରେ ବାପ୍ତିଜିତ ହୋଇଥିଲେ ।

''କିନ୍ତୁ ଫିଲିପ୍‌ପ ଈଶ୍ୱରଙ୍କ ରାଜ୍ୟ ଓ ଯୀଶୁ ଖ୍ରୀଷ୍ଟଙ୍କ ନାମ ବିଷୟକ ସୁସମାଚାର ପ୍ରଚାର କରିବାରୁ ସେମାନେ ଯେତେବେଳେ ତାଙ୍କ କଥାରେ ବିଶ୍ୱାସ କଲେ, ସେତେବେଳେ ପୁରୁଷ ଓ ସ୍ତ୍ରୀ ଉଭୟ ବାପ୍ତିଜିତ ହେବାକୁ ଲାଗିଲେ । ଆଉ, ଶିମୋନ ନିଜେ ମଧ୍ୟ ବିଶ୍ୱାସ କରି ବାପ୍ତିଜିତ ହେଲା ଓ ଫିଲପ୍‌ପଙ୍କ ସାଙ୍ଗେ ସାଙ୍ଗେ ରହିଲା, ଆଉ ନାନା ଲକ୍ଷଣ ଓ ମହା ମହା ଶକ୍ତିର କର୍ମ ଦେଖି ଆଚମ୍ବିତ ହେବାକୁ ଲାଗିଲା । ଶମିରୋଣର ଲୋକମାନେ ଯେ ଈଶ୍ୱରଙ୍କ ବାକ୍ୟ ଗ୍ରହଣ କରିଅଛନ୍ତି, ଏହା ଯେତେବେଳେ ଯିରୁଶାଲମରେ ଥିବା ପ୍ରେରିତମାନେ ଶୁଣିଲେ, ସେତେବେଳେ ସେମାନେ ପିତର ଓ ଯୋହନଙ୍କୁ ସେମାନଙ୍କ

ନିକଟକୁ ପଠାଇଲେ ।  ସେମାନେ ଯାଇ, ସେହି ଲୋକମାନେ ଯେପରି ପବିତ୍ରଆତ୍ମା ପ୍ରାପ୍ତ ହୁଅନ୍ତି, ଏଥିନିମନ୍ତେ ସେମାନଙ୍କ ପାଇଁ ପ୍ରାର୍ଥନା କଲେ, କାରଣ ଏପର୍ଯ୍ୟନ୍ତ ସେ ସେମାନଙ୍କ ମଧ୍ୟରୁ କାହାରି ଉପରେ ଅବତୀର୍ଣ୍ଣ ହୋଇ ନ ଥିଲେ, କେବଳ ସେମାନେ ପ୍ରଭୁ ଯୀଶୁଙ୍କ ନାମରେ ବାପ୍ତିଜିତ ହୋଇଥିଲେ । ସେତେବେଳେ ସେମାନେ ସେମାନଙ୍କ ଉପରେ ହସ୍ତାର୍ପଣ କଲେ, ଆଉ ସେମାନେ ପବିତ୍ରଆତ୍ମା ପ୍ରାପ୍ତ ହେଲେ ।  ପ୍ରେରିତମାନଙ୍କର ହସ୍ତାର୍ପଣ  ଦ୍ୱାରା ଆତ୍ମା ଦତ୍ତ ହେଉଅଛନ୍ତି, ଏହା ଦେଖି ଶିମୋନ ସେମାନଙ୍କୁ ଟଙ୍କା ଯାଚି କହିଲା, ମୋତେ ମଧ୍ୟ ଏହି ଶକ୍ତି ଦିଅନ୍ତୁ, ଯେପରି ମୁଁ ଯେକୌଣସି ଲୋକ ଉପରେ ହସ୍ତାର୍ପଣ କରିବି, ସେ ପବିତ୍ରଆତ୍ମା ପାଇବ'' (ପ୍ରେରିତ ୮: ୧୨-୧୯) ।

ଯିରୁଶାଲମର ପ୍ରେରିତମାନେ ଶୁଣିଲେ ଯେ ଶମିରୋଣର ଲୋକମାନେ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କଠାରେ ବିଶ୍ୱାସ କରିଛନ୍ତି ଏବଂ ସେମାନେ ସେତେବେଳେ ଯାହା କଲେ ତାହା ନିଶ୍ଚେ ହୃଦୟଗ୍ରାହୀ ବିଷୟ ଥିଲା । ଲୋକମାନେ ଯେପରି ପବିତ୍ର ଆତ୍ମାଙ୍କୁ ଗ୍ରହଣ କରନ୍ତି ସେଥିପାଇଁ ସେମାନଙ୍କ ନିମନ୍ତେ ପ୍ରାର୍ଥନା କରିବାକୁ ପିତର ଓ ଯୋହନ ସେଠାକୁ ଯାଇଥିଲେ ।

ଏଣୁ ସ୍ପଷ୍ଟରୂପେ ଏହା କୁହାଯାଇପାରେ ଯେ **ନୂତନ ବିଶ୍ୱାସୀମାନେ ଯେପରି ପବିତ୍ର ଆତ୍ମାଙ୍କୁ ଗ୍ରହଣ କରନ୍ତି (ପବିତ୍ର ଆତ୍ମାରେ ବାପ୍ତିସ୍ମ) ସେଥିପାଇଁ ସେମାନଙ୍କ ନିମନ୍ତେ ପ୍ରାର୍ଥନା କରିବା ଆଦ୍ୟ ମଣ୍ଡଳୀର ଏକ 'ସାଧାରଣ ଅଭ୍ୟାସ' ଥିଲା ।** ଆମେ ମଧ୍ୟ କହିପାରୁ ଯେ ଶମିରୋଣର ନୂତନ ବିଶ୍ୱାସୀମାନଙ୍କ ନିମନ୍ତେ ପ୍ରେରିତମାନେ ପ୍ରାର୍ଥନା କରିବା ବେଳେ କିଛି ଅଲୌକିକ ବିଷୟ ଘଟିଥିଲା, କାରଣ ଶିମୋନ ଯେ କି ଅନ୍ଧକାର ଶକ୍ତିରେ ଆଶ୍ଚର୍ଯ୍ୟ  କର୍ମ (କୁହୁକକର୍ମ) କରୁଥିଲା ସେ ପ୍ରେରିତମାନଙ୍କୁ ଟଙ୍କା ଯାଚିଥିଲା, ଯେପରି ସେ ମଧ୍ୟ ସେହି ଶକ୍ତି ପାଇବ । ଯଦିବା ଏହି ଶାସ୍ତ୍ରାଂଶରେ ନିର୍ଦ୍ଦିଷ୍ଟରୂପେ ଲେଖାଯାଇ ନାହିଁ ପେଣ୍ଟିକଷ୍ଟ ଦିବସରେ ଘଟିଥିବା ଘଟଣାର ଏଠାରେ ପୁନରାବୃତ୍ତି ହୋଇଥିଲା କି ନାହିଁ, ତେବେ ଆମେ ନିଶ୍ଚେ କହିପାରୁ ଯେ ଶମିରୋଣର ବିଶ୍ୱାସୀମାନେ ମଧ୍ୟ ବିଭିନ୍ନ ଭାଷାରେ କଥା କହିଥିଲେ ଯେତେବେଳେ ସେମାନେ ପବିତ୍ର ଆତ୍ମାଙ୍କ ଦାନ ପ୍ରାପ୍ତ ହେଲେ । ନିଶ୍ଚେ ଏହି ଆଶ୍ଚର୍ଯ୍ୟ ଘଟଣା ଯାଦୁକର ଶିମୋନକୁ ଆଚମ୍ବିତ କରିଥିଲା ।

## ୩. ଶାଉଲ ଯେ କି ପ୍ରେରିତ ପାଉଲ ନାମରେ ବିଖ୍ୟାତ ହେଲେ

ପ୍ରେରିତ ପୁସ୍ତକରେ ବର୍ଣ୍ଣିତ ଅନ୍ୟ ଯେଉଁ ଘଟଣାରେ ପବିତ୍ରଆତ୍ମାଙ୍କୁ ଗ୍ରହଣ କରିବା ନିମନ୍ତେ ଯାହାଙ୍କ ନିମନ୍ତେ ପ୍ରାର୍ଥନା କରାଯାଇଥିଲା ତାହା ଶାଉଲଙ୍କ ବିଷୟରେ, ଯେ କି

ପରବର୍ତ୍ତୀ ସମୟରେ ପ୍ରେରିତ ପାଉଲ ନାମରେ ବିଖ୍ୟାତ ହୋଇଥିଲେ । ଦମ୍ମେସକ ପଥରେ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ସଙ୍ଗେ ଶାଉଲଙ୍କର ଆକସ୍ମିକ ଭେଟ ଅତି ଶକ୍ତିଶାଳୀ ଥିଲା । ସେ ଦୃଷ୍ଟିହୀନ ହେଲେ, ଏବଂ ତିନିଦିନ ଧରି ସେପରି ରହିଲେ, ଉପବାସରେ ରହି ପ୍ରାର୍ଥନା କଲେ ଓ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କର  ଅପେକ୍ଷା କରି ରହିଲେ । ପ୍ରଭୁ ଯୀଶୁ ହନନିୟ ନାମକ ଜଣେ ଶିଷ୍ୟଙ୍କୁ ଆଦେଶ ଦେଲେ ଯେପରି ସେ ଯାଇ ଶାଉଲଙ୍କ ନିମନ୍ତେ ପ୍ରାର୍ଥନା କରିବେ ଯଦ୍ଦ୍ୱାରା ସେ ଦୃଷ୍ଟିଶକ୍ତି ଫେରି ପାଇବେ ।

''ଦମ୍ମେସକରେ ହନନିୟ ନାମକ ଜଣେ ଶିଷ୍ୟ ଥିଲେ; ପ୍ରଭୁ ତାଙ୍କୁ ଦର୍ଶନ ଦେଇ କହିଲେ, ହନନିୟ । ସେ କହିଲେ ହେ ପ୍ରଭୁ, ଆଜ୍ଞା କରିବା ହେଉନ୍ତୁ । ସେଥିରେ ପ୍ରଭୁ ତାଙ୍କୁ କହିଲେ, ଉଠ, ସଳଖ ନାମକ ପଥକୁ ଯାଇ ଯିହୁଦାର ଗୃହରେ ତାର୍ଷ ନଗରର  ଶାଉଲ ନାମକ ଜଣେ ବ୍ୟକ୍ତିର ଅନୁସନ୍ଧାନ କର; କାରଣ ଦେଖ, ସେ ପ୍ରାର୍ଥନା କରୁଅଛି; ଆଉ, ସେ ଯେପରି ଦୃଷ୍ଟିପ୍ରାପ୍ତ ହୁଏ, ଏଥିନିମନ୍ତେ ହନନିୟ ନାମକ ଜଣେ ଲୋକ ଆସି ତାହା ଉପରେ ହସ୍ତାର୍ପଣ କରୁଅଛି ବୋଲି ସେ ଦର୍ଶନ ପାଇଅଛି । କିନ୍ତୁ ହନନିୟ ଉତ୍ତର ଦେଲେ, ପ୍ରଭୋ, ଯିରୂଶାଲମରେ ଆପଣଙ୍କ ସାଧୁମାନଙ୍କ ପ୍ରତି ଏହି ଲୋକ ଯେ କେତେ ଉପଦ୍ରବ କରିଅଛି, ତାହା ମୁଁ ଅନେକଙ୍କଠାରୁ ଏହି ଲୋକ ବିଷୟରେ ଶୁଣିଅଛି । ଆଉ, ଏହି ସ୍ଥାନରେ ଯେତେ ଲୋକ ଆପଣଙ୍କ ନାମରେ ପ୍ରାର୍ଥନା କରନ୍ତି, ସେମାନଙ୍କୁ ବାନ୍ଧିବା ନିମନ୍ତେ ସେ ପ୍ରଧାନ ଯାଜକମାନଙ୍କ ପାଖରୁ କ୍ଷମତା ପାଇଅଛି । କିନ୍ତୁ ପ୍ରଭୁ ତାଙ୍କୁ କହିଲେ, ଯାଅ; କାରଣ ସେ ବିଜାତି, ରାଜା ଓ ଇସ୍ରାଏଲର ସନ୍ତାନମାନଙ୍କ ସମ୍ମୁଖରେ ଆମ୍ଭର ନାମ ବହନ କରିବା ନିମନ୍ତେ ଆମ୍ଭର ଜଣେ ମନୋନୀତ ପାତ୍ର ଅଟେ; ଯେଣୁ ଆମ୍ଭର ନାମ ସକାଶେ ତାହାକୁ ଯେ କେତେ ଦୁଃଖ ଭୋଗ କରିବାକୁ ହେବ, ତାହା ଆମ୍ଭେ ତାହାକୁ ଜଣାଇବା । ସେଥିରେ ହନନିୟ ପ୍ରସ୍ଥାନ କରି ସେହି ଗୃହରେ ପ୍ରବେଶ କଲେ, ପୁଣି ତାଙ୍କ ଉପରେ ହସ୍ତାର୍ପଣ କରି କହିଲେ, ଶାଉଲ ଭାଇ, ପ୍ରଭୁ, ଅର୍ଥାତ୍ ଯେଉଁ ଯୀଶୁ ତୁମ୍ଭର ଆସୁଥିବା ପଥରେ ତୁମ୍ଭକୁ ଦର୍ଶନ ଦେଲେ, ତୁମ୍ଭେ ଯେପରି ଦୃଷ୍ଟିପ୍ରାପ୍ତ ହୁଅ ଓ ପବିତ୍ର ଆତ୍ମାରେ ପରିପୂର୍ଣ୍ଣ ହୁଅ, ଏଥିନିମନ୍ତେ ସେ ମୋତେ ପ୍ରେରଣ କରିଅଛନ୍ତି । ସେହିକ୍ଷଣି ତାଙ୍କ ଆଖିରୁ କାତି ପରି କ'ଣ ଖସିପଡ଼ିଲା ଓ ସେ ଦୃଷ୍ଟିପାଇଲେ; ପୁଣି, ସେ ଉଠି ବାପ୍ତିଜିତ ହେଲେ'' (ପ୍ରେରିତ ୯ : ୧୦-୧୮)

ହନନିୟ ପ୍ରଥମେ ଯିବାକୁ କୁଣ୍ଠିତ ଥିଲେ ମଧ୍ୟ ଶାଉଲଙ୍କ ନିକଟକୁ ଯାଇ ପ୍ରାର୍ଥନା କଲେ ଯେପରି ସେ ଦୃଷ୍ଟି ପାଆନ୍ତି ଓ ପବିତ୍ର ଆତ୍ମାରେ ପୂର୍ଣ୍ଣ ହୁଅନ୍ତି । ଶାଉଲ ଯୀଶୁଖ୍ରୀଷ୍ଟଙ୍କୁ

ତିନିଦିନ ହେଲା ବିଶ୍ୱାସ କରିଥିଲେ । ହନନିୟଙ୍କୁ ପ୍ରଭୁ ଯୀଶୁ କହିଲେ ଯେ ଶାଉଲ ମହାନ୍ କାର୍ଯ୍ୟ କରିବା ପାଇଁ ମନୋନୀତ ଅଟନ୍ତି । ତଥାପି ସେ ଯେପରି ପବିତ୍ର ଆତ୍ମା ପାଆନ୍ତି ସେଥିପାଇଁ ତାଙ୍କ ପାଇଁ ପ୍ରାର୍ଥନା କରାଯିବା ଆବଶ୍ୟକ ହୋଇଥିଲା ।

ପୁନର୍ବାର ଏହି ବିଷୟ ଆମେ ବୁଝିପାରୁ ଯେ ଆଦ୍ୟ ମଣ୍ଡଳୀରେ ନୂତନ ବିଶ୍ୱାସୀମାନେ ଯେପରି ପବିତ୍ର ଆତ୍ମାଙ୍କୁ ଗ୍ରହଣ କରନ୍ତି ସେଥିପାଇଁ ସେମାନଙ୍କ ନିମନ୍ତେ ପ୍ରାର୍ଥନା କରାଯାଉଥିଲା ।

ଯଦିବା ପ୍ରେରିତ ୯ ଅଧ୍ୟାୟରେ ଶାଉଲ ପରଭାଷା କହିବା ବା ଅନ୍ୟ କୌଣସି ଆଶ୍ଚର୍ଯ୍ୟ ଘଟଣା ଘଟିବା ବିଷୟରେ ଲେଖାଯାଇ ନାହିଁ । ଆମେ ଜାଣୁ ଯେ ଶାଉଲ (ପରେ ପାଉଲ ନାମରେ ଖ୍ୟାତ ହୋଇଥିଲେ) ପରଭାଷାରେ କଥା କହୁଥିଲେ । ''*ମୁଁ ତୁମ୍ଭ ସମସ୍ତଙ୍କ ଅପେକ୍ଷା ଅଧିକରୂପେ ପରଭାଷାରେ କଥା କହେ ବୋଲି ଈଶ୍ୱରଙ୍କୁ ଧନ୍ୟବାଦ ଦେଉଅଛି*'' (୧ କରିନ୍ଥୀ ୧୪:୧୮) । ସେ ମଧ୍ୟ ଆତ୍ମାଙ୍କର ସମସ୍ତ ଦାନ ପ୍ରାପ୍ତ ହୋଇଥିଲେ ଓ ତାହା ପ୍ରକଟ କରୁଥିଲେ ଏବଂ ଏବିଷୟରେ ସେ ଅନ୍ୟ ବିଶ୍ୱାସୀମାନଙ୍କୁ ଶିକ୍ଷା ଦେଇଥିଲେ, କାରଣ ସେ ହିଁ ୧ କରିନ୍ଥୀ ୧୨ରୁ ୧୪ ଅଧ୍ୟାୟରେ ଏହା ବୁଝାଇଛନ୍ତି ।

## ୪. କର୍ଣ୍ଣୀଲିୟ ଓ ତାଙ୍କ ପରିବାର

କର୍ଣ୍ଣୀଲିୟ ଓ ତାଙ୍କ ପରିବାର କିପରି ପବିତ୍ର ଆତ୍ମାରେ ବାପ୍ତିଜିତ ହୋଇଥିଲେ ତାହା ପ୍ରେରିତ ପୁସ୍ତକରେ ବର୍ଣ୍ଣିତ ଚତୁର୍ଥ ଘଟଣା । ପ୍ରେରିତ ପିତର ଐଶୀ ନିର୍ଦ୍ଦେଶନାନୁସାରେ କର୍ଣ୍ଣୀଲିୟଙ୍କ ଗୃହକୁ ଗଲେ ଓ ସେଠାରେ ଯୀଶୁ ଖ୍ରୀଷ୍ଟଙ୍କ ବିଷୟରେ ପ୍ରଚାର କଲେ । ପ୍ରଥମ ଥର ପାଇଁ ଅଣଯିହୁଦୀମାନଙ୍କ ନିକଟରେ ସୁସମାଚାର ପ୍ରଚାରିତ ହେଲା ।

''ପିତର ଏହିସବୁ କଥା କହୁଥିବା ସମୟରେ ଯେତେ ଲୋକ ବାକ୍ୟ ଶୁଣୁଥିଲେ, ସେହି ସମସ୍ତଙ୍କ ଉପରେ ପବିତ୍ର ଆତ୍ମା ଅବତରଣ କଲେ । ସେଥିରେ ପିତରଙ୍କ ସହିତ ଆଗତ ସୁନ୍ନତି ବିଶ୍ୱାସୀମାନେ ସମସ୍ତେ ବିଜାତିମାନଙ୍କ ଉପରେ ସୁଦ୍ଧା ପବିତ୍ରଆତ୍ମାଙ୍କ ଦାନ ବୃଷ୍ଟି କରାଯିବା ଦେଖି ଆଚମ୍ଭିତ ହେଲେ । କାରଣ ସେମାନେ ସେମାନଙ୍କୁ ବିଭିନ୍ନ ଭାଷାରେ କଥା କହୁଥିବା ଓ ଈଶ୍ୱରଙ୍କ ପ୍ରଶଂସା କରୁଥିବା ଶୁଣୁଥିଲେ । ସେତେବେଳେ ପିତର ଉତ୍ତର ଦେଲେ, ଏହି ଯେଉଁ ଲୋକମାନେ ଆମ୍ଭମାନଙ୍କ ପରି ପବିତ୍ର ଆତ୍ମା ପ୍ରାପ୍ତ ହୋଇଅଛନ୍ତି, ଏମାନେ ଯେପରି ବାପ୍ତିଜିତ ନ ହୁଅନ୍ତି, ସେଥିନିମନ୍ତେ କି କେହି ଜଳ ନିଷେଧ କରିପାରେ ? ପୁଣି, ସେ ସେମାନଙ୍କୁ ଯୀଶୁ ଖ୍ରୀଷ୍ଟଙ୍କ ନାମରେ ବାପ୍ତିସ୍ମ ଦେବା ନିମନ୍ତେ ଆଦେଶ ଦେଲେ । ପରେ ସେମାନେ କିଛି ଦିନ ରହିବା ପାଇଁ ତାଙ୍କୁ ଅନୁରୋଧ କଲେ'' (ପ୍ରେରିତ ୧୦: ୪୪-୪୮) ।

ପିତରଙ୍କ ପ୍ରଚାର ଯୋଗୁଁ ସେଠାରେ ଉପସ୍ଥିତ ଲୋକମାନେ ସୁସମାଚାରରେ ବିଶ୍ୱାସ କଲେ ଏବଂ ଈଶ୍ୱର ସେହିକ୍ଷଣି ସେମାନଙ୍କ ଉପରେ ତାଙ୍କର ଆତ୍ମାଙ୍କୁ ଢାଳି ଦେଲେ । ଏହି ଲୋକମାନେ ବିଭିନ୍ନ ଭାଷାରେ କଥା କହିଲେ ଓ ଈଶ୍ୱରଙ୍କର ପ୍ରଶଂସା କଲେ ।

''ପରେ ମୁଁ କଥା କହିବାକୁ ଆରମ୍ଭ କରିବା ସମୟରେ ପବିତ୍ର ଆତ୍ମା ପ୍ରଥମରେ ଆମ୍ଭମାନଙ୍କ ଉପରେ ଅବତରଣ କଲା ପରି ସେମାନଙ୍କ ଉପରେ ସୁଦ୍ଧା ଅବତରଣ କଲେ । ସେତେବେଳେ ପ୍ରଭୁଙ୍କ ଉକ୍ତ ଏହି ବାକ୍ୟ ମୋହର ସ୍ମରଣରେ ପଡ଼ିଲା, ଯୋହନ ଜଳରେ ବାପ୍ତିସ୍ମ ଦେଲେ ସତ, କିନ୍ତୁ ତୁମ୍ଭେମାନେ ପବିତ୍ର ଆତ୍ମାରେ ବାପ୍ତିଜିତ ହେବ । ଅତଏବ, ଆମ୍ଭେମାନେ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କଠାରେ ବିଶ୍ୱାସ କରିବା ସମୟରେ ଈଶ୍ୱର ଯେପରି ଆମ୍ଭମାନଙ୍କୁ ଦାନ ଦେଇଥିଲେ, ସେହିପରି ଯେବେ ସେମାନଙ୍କୁ ସୁଦ୍ଧା ସମାନ ଦାନ ଦେଲେ, ମୁଁ କିଏ ସେ ଈଶ୍ୱରଙ୍କୁ ପ୍ରତିରୋଧ କରିପାରିଥାନ୍ତି ? ଏହି ସମସ୍ତ କଥା ଶୁଣିବାରୁ ସେମାନେ ନିରୁତ୍ତର ହେଲେ ଓ ଈଶ୍ୱରଙ୍କର ପ୍ରଶଂସା କରି କହିଲେ, ତେବେ ଈଶ୍ୱର ବିଜାତିମାନଙ୍କୁ ମଧ୍ୟ ଜୀବନପ୍ରାପ୍ତି ନିମନ୍ତେ ମନପରିବର୍ତ୍ତନ ଦାନ କରିଅଛନ୍ତି'' (ପ୍ରେରିତ ୧୧: ୧୫-୧୮)

ଯିରୁଶାଲମକୁ ଫେରିଆସିବା ପରେ ପିତର କର୍ଣ୍ଣୀଲିୟଙ୍କ ଗୃହରେ ଯାହା ଘଟିଥିଲା ତାହା ବର୍ଣ୍ଣନା କଲେ ଏବଂ ସେ ସ୍ପଷ୍ଟରୂପେ କହିଲେ ଯେ ପେଣ୍ଟିକଷ୍ଟ ଦିବସରେ ୧୨୦ଜଣ ଶିଷ୍ୟ ଯେପରି ପବିତ୍ର ଆତ୍ମାଙ୍କ ବାପ୍ତିସ୍ମ ଲାଭ କରିଥିଲେ ଠିକ୍ ତଦ୍ରୂପ ସେମାନେ ମଧ୍ୟ ଏହି ବାପ୍ତିସ୍ମ ଲାଭ କଲେ ।

ଏଣୁ, ଏଠାରେ ଆମେ ଅନ୍ୟ ଏକ ଘଟଣା ଦେଖୁ ଯେଉଁଥିରେ ଲୋକମାନେ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କଠାରେ ବିଶ୍ୱାସ କରିବାରୁ, ପବିତ୍ର ଆତ୍ମାରେ ବାପ୍ତିସ୍ମ ଲାଭ କଲେ, ଯେପରି ପେଣ୍ଟିକଷ୍ଟ ଦିବସରେ ଘଟିଥିଲା ।

## ୫. ଏଫିସୀୟ ବିଶ୍ୱାସୀମାନେ

ପବିତ୍ର ଆତ୍ମାରେ ବାପ୍ତିସ୍ମ ଗ୍ରହଣ କରିଥିବା ଅନ୍ୟ ଏକ ଘଟଣା ପ୍ରେରିତ ୧୯ ଅଧ୍ୟାୟରେ ରହିଛି ଯାହା କି ଏହି ପୁସ୍ତକରେ ଏବିଷୟରେ ବର୍ଣ୍ଣିତ ଶେଷ ଘଟଣା । ଏଠାରେ ପ୍ରେରିତ ପାଉଲଙ୍କର କେତେ ଜଣଙ୍କ ସଙ୍ଗେ ଭେଟ ହୁଏ ଯେଉଁମାନେ ବାପ୍ତିଜକ ଯୋହନଙ୍କ ଦ୍ୱାରା ଜଳରେ ବାପ୍ତିଜିତ ହୋଇଥିଲେ । ଯୀଶୁ ଖ୍ରୀଷ୍ଟଙ୍କର ସେବାକାର୍ଯ୍ୟ ପରେ କ'ଣସବୁ ଘଟିଥିଲା ସେବିଷୟରେ ଏମାନେ ଅଜ୍ଞ ଥିଲେ ।

''ଆପଲ୍ଲ କରିନ୍ଥରେ ଥିବା ସମୟରେ ପାଉଲ ପୂର୍ବ ଅଞ୍ଚଳ ଦେଇ ଯାତ୍ରା କରି ଏଫିସ ନଗରକୁ ଆସି କେତେକ ଶିଷ୍ୟଙ୍କ ଦେଖା ପାଇଲେ । ସେ ସେମାନଙ୍କୁ ପଚାରିଲେ, ବିଶ୍ୱାସ କରିବା ସମୟରେ କଅଣ ତୁମ୍ଭେମାନେ ପବିତ୍ର ଆତ୍ମାଙ୍କୁ ପାଇଥିଲ ? ସେମାନେ ତାଙ୍କୁ ଉତ୍ତର ଦେଲେ, ନା ପବିତ୍ରଆତ୍ମା ଯେ ଦତ୍ତ ହୋଇଅଛନ୍ତି, ତାହା ସୁଦ୍ଧା ଆମ୍ଭେମାନେ ଶୁଣି ନାହୁଁ । ତେଣୁ ସେ ପଚାରିଲେ, ତେବେ ତୁମ୍ଭେମାନେ କାହିଁରେ ବାପ୍ତିଜିତ ହୋଇଥିଲ ? ସେମାନେ କହିଲେ, ଯୋହନଙ୍କ ବାପ୍ତିସ୍ମରେ । ସେଥିରେ ପାଉଲ କହିଲେ, ଯୋହନ ମନପରିବର୍ତ୍ତନର ବାପ୍ତିସ୍ମରେ ବାପ୍ତିସ୍ମ ଦେଇ, ତାଙ୍କ ପରେ ଯେ ଆସିବେ, ତାହାଙ୍କଠାରେ, ଅର୍ଥାତ୍ ଯୀଶୁଙ୍କଠାରେ ବିଶ୍ୱାସ କରିବାକୁ ହେବ ବୋଲି ଲୋକମାନଙ୍କୁ କହୁଥିଲେ । ସେମାନେ ଏହା ଶୁଣି ପ୍ରଭୁ ଯୀଶୁଙ୍କ ନାମରେ ବାପ୍ତିଜିତ ହେଲେ, ଆଉ ପାଉଲ ସେମାନଙ୍କ ଉପରେ ହସ୍ତାର୍ପଣ କରନ୍ତେ, ପବିତ୍ରଆତ୍ମା ସେମାନଙ୍କ ଉପରେ ଅବତରଣ କଲେ, ପୁଣି ସେମାନେ ନାନା ଭାଷାରେ କଥା କହିବାକୁ ଓ ଭାବବାଣୀ ମଧ୍ୟ କହିବାକୁ ଲାଗିଲେ । ସେମାନେ ସମସ୍ତେ ପ୍ରାୟ ବାରଜଣ ପୁରୁଷ ଥିଲେ'' (ପ୍ରେରିତ ୧୯: ୧-୭) ।

ପାଉଲଙ୍କର ପ୍ରଥମ ପ୍ରଶ୍ନ ଚିତ୍ତାକର୍ଷକ ଥିଲା: *ବିଶ୍ୱାସ କରିବା ସମୟରେ କ'ଣ ତୁମ୍ଭେମାନେ ପବିତ୍ର ଆତ୍ମାଙ୍କୁ ପାଇଥିଲ ?* ଏହା ସୂଚାଏ ଯେ ସେସମୟରେ ନୂତନ ବିଶ୍ୱାସୀମାନେ ଯଦି ଯୀଶୁ ଖ୍ରୀଷ୍ଟଙ୍କଠାରେ ବିଶ୍ୱାସ କରୁଥିଲେ, ସେମାନେ ଯେପରି ପବିତ୍ର ଆତ୍ମାଙ୍କୁ ଗ୍ରହଣ କରିବେ ଏଥିପାଇଁ ସେମାନଙ୍କ ନିମନ୍ତେ ପ୍ରାର୍ଥନା କରାଯାଉଥିଲା, ଯେପରି ଏହି ନୂତନ ବିଶ୍ୱାସୀମାନଙ୍କ ନିମନ୍ତେ (ପ୍ରେରିତ ୧୯ରେ) ପାଉଲ ପ୍ରାର୍ଥନା କରିଥିଲେ । ପାଉଲ ସେମାନଙ୍କ ନିକଟରେ ଯୀଶୁ ଖ୍ରୀଷ୍ଟଙ୍କ ବିଷୟରେ ପ୍ରଚାର କଲେ, ସେମାନଙ୍କୁ ଜଳରେ ବାପ୍ତିସ୍ମ ଦେଲେ ଏବଂ ସେମାନେ ଯେପରି ପବିତ୍ର ଆତ୍ମାଙ୍କୁ ଗ୍ରହଣ କରିବେ, ଅର୍ଥାତ୍, ପବିତ୍ର ଆତ୍ମାରେ ବାପ୍ତିଜିତ ହେବେ ସେଥିପାଇଁ ପ୍ରାର୍ଥନା କଲେ । ପୁନର୍ବାର ଆମେ ଦେଖୁ ସେମାନଙ୍କ ଉପରେ ପବିତ୍ର ଆତ୍ମା ଅବତରଣ କଲେ ଏବଂ ପବିତ୍ର ଆତ୍ମାଙ୍କ ବାପ୍ତିସ୍ମ ସାଙ୍ଗକୁ ଆଶ୍ଚର୍ଯ୍ୟ ପରିପ୍ରକାଶ ଦେଖାଗଲା - ସେମାନେ ନାନା ଭାଷାରେ କଥା କହିଲେ ଓ ଭାବବାଣୀ ମଧ୍ୟ କହିବାକୁ ଲାଗିଲେ ।

## ପାଞ୍ଚୋଟି ଘଟଣାର ସାରକଥା

ଆମେ ଆଲୋଚନା କରିଥିବା ପାଞ୍ଚୋଟି ଘଟଣାରୁ ତିନୋଟିରେ ପବିତ୍ର ଆତ୍ମାରେ ବାପ୍ତିଜିତ ହୋଇଥିବା ଲୋକମାନେ **ବିଭିନ୍ନ ଭାଷାରେ କଥା** କହିଥିଲେ । ଅନ୍ୟ ଦୁଇଟି

ଘଟଣାରେ ଆଶ୍ଚର୍ଯ୍ୟ ବିଷୟମାନ ଶମିରୋଣରେ ଘଟିଥିଲା ଏବଂ ପାଉଲଙ୍କ ବିଷୟରେ ଆମେ ଜାଣୁ ଯେ ସେ ପରଭାଷାରେ କଥା କହୁଥିଲେ । ତେଣୁ ଏଠାରେ ଆମେ ନିରାପଦ ଭାବରେ କହିପାରିବା ଯେ ପାଞ୍ଚୋଟିଯାକ ଘଟଣାରେ କିଛି ଅଲୌକିକ ପରିପ୍ରକାଶ ଦେଖାଯାଇଥିଲା ଏବଂ ଆମେ ଅନ୍ତତଃ ଚାରୋଟି ଘଟଣାରେ କହିପାରିବା ଯେ ସେମାନେ ଅନ୍ୟାନ୍ୟ ଭାଷାରେ କଥା କହିଥିଲେ ଯେତେବେଳେ ସେମାନେ ପବିତ୍ର ଆତ୍ମାରେ ବାପ୍ତିଜିତ ହୋଇଥିଲେ ।

ପାଞ୍ଚୋଟିରୁ ତିନୋଟି ଘଟଣାରେ ଲୋକମାନେ ପ୍ରଥମେ ପବିତ୍ର ଆତ୍ମାରେ ଓ ପରେ ଜଳରେ ବାପ୍ତଜିତ ହୋଇଥିଲେ । ଅନ୍ୟ ଦୁଇଟି ଘଟଣାରେ, ଅର୍ଥାତ୍ ଶମିରୋଣ ଓ ଏଫିସୀରେ, ଲୋକମାନେ ପ୍ରଥମେ ଜଳରେ ଓ ତା'ପରେ ପବିତ୍ର ଆତ୍ମାରେ ବାପ୍ତିଜିତ ହୋଇଥିଲେ । ତେଣୁ ଆମେ ନିରାପଦରେ କହିପାରୁ ଈଶ୍ୱର ଯେକୌଣସି ମାର୍ଗରେ କାର୍ଯ୍ୟ କରନ୍ତି । ଏଥିପାଇଁ ନିର୍ଦ୍ଦିଷ୍ଟ ସୋପାନ ସେ ରଖିନାହାନ୍ତି ।

ପବିତ୍ର ଆତ୍ମାରେ ବାପ୍ତିସ୍ମ ଲାଭ କରିବାର ଉଦ୍ଦେଶ୍ୟ ସାକ୍ଷ୍ୟଦାନ ନିମନ୍ତେ ଶକ୍ତିପ୍ରାପ୍ତ ହେବା । ଜଣେ ଶକ୍ତିପ୍ରାପ୍ତ ହେଲେ ଅଲୌକିକ ପରିପ୍ରକାଶ ଦେଖାଯାଏ, ଯେପରି ପରଭାଷାରେ କଥା କହିବା । ଏହା ମଧ୍ୟ ଆତ୍ମାଙ୍କର ଏକ ଦାନ ବା ପରିପ୍ରକାଶ (୧ କରିନ୍ଥୀ ୧୨: ୭-୧୧) । ତେଣୁ ଆମେ କେତୋଟି ସିଦ୍ଧାନ୍ତରେ ଉପନୀତ ହେବା:

- ଯେତେବେଳେ ଆମେ ପବିତ୍ର ଆତ୍ମାରେ ବାପ୍ତିଜିତ ହେଉ **ଆମେ ଉଭୟ ଶକ୍ତି ଓ ଦାନସକଳ ପ୍ରାପ୍ତ ହେଉ** । ଈଶ୍ୱରଙ୍କ ଆତ୍ମା ବିଶ୍ୱାସୀକୁ ଶକ୍ତି ପ୍ରଦାନ କରନ୍ତି ବା ବସ୍ତ୍ରାନ୍ୱିତ କରନ୍ତି ଏବଂ ବିଶ୍ୱାସୀକୁ ନ'ଟି ଦାନ ପ୍ରଚ୍ଛନ୍ନ ଭାବରେ ଉପଲବ୍ଧ କରାନ୍ତି । ମନେ ରଖନ୍ତୁ ଯେ ''ଆତ୍ମାଙ୍କର ଦାନସକଳ'' ବ୍ୟକ୍ତିବିଶେଷର ନିଜ ସ୍ୱକୃତ ଦାନ ନୁହେଁ । ତେଣୁ ପବିତ୍ର ଆତ୍ମା ଏହି ଦାନସକଳକୁ ଆପଣା ନିକଟରେ ରଖି ବିଶ୍ୱାସୀ ଦ୍ୱାରା ସେସବୁକୁ କାର୍ଯ୍ୟକାରୀ କରିଥାନ୍ତି । ଏସବୁ ଦାନ ସକଳର ଉପଯୁକ୍ତ ପରିପ୍ରକାଶ ଯେପରି ହୋଇପାରିବ ଏଥିପାଇଁ ବିଶ୍ୱାସୀ ପବିତ୍ର ଆତ୍ମାଙ୍କୁ ସହଯୋଗ କରି କାର୍ଯ୍ୟ କରିବା ବିଷୟ ଶିକ୍ଷା କରିବା ଆବଶ୍ୟକ ।
- ଯେଉଁ ଶକ୍ତି ଆମେ ପାଇଥାଉ ତାହା ପବିତ୍ର ଆତ୍ମାଙ୍କ **ଦାନସକଳର ପରିପ୍ରକାଶ ଦ୍ୱାରା ବ୍ୟକ୍ତ ହୋଇଥାଏ** ଏବଂ ଅନେକ ଚିହ୍ନ ଓ ଅଦ୍ଭୁତ କର୍ମ, ପୁଣି ବିବିଧ ଶକ୍ତିର କାର୍ଯ୍ୟ, ସୁସ୍ଥତା ଏବଂ ଈଶ୍ୱରଙ୍କର ଅଲୌକିକ କାର୍ଯ୍ୟସକଳ ଦେଖିବାକୁ ମିଳେ ।

- **ପ୍ରଥମ ଦାନ** ଯାହା ପ୍ରାୟଶଃ ଦେଖାଯାଇଥାଏ ତା'ହେଲା ପରଭାଷାରେ କଥା କହିବା । ଈଶ୍ୱର କିଛି ଉଦ୍ଦେଶ୍ୟ ରଖି କାର୍ଯ୍ୟ କରିଥାନ୍ତି । ଏଠାରେ ଆମେ ସିଦ୍ଧାନ୍ତ କରୁ ଯେ ଅଜଣା ଭାଷାରେ କଥା କହିବାର ଦାନ ଏକ ଚାବି ସଦୃଶ ଯାହା ଆତ୍ମାଙ୍କର ଅନ୍ୟାନ୍ୟ ଦାନ ପ୍ରାପ୍ତ ହେବାରେ ଆମକୁ ସାହାଯ୍ୟ କରେ ।

# ୩

# କେତୋଟି ସାଧାରଣ ପ୍ରଶ୍ନ

ପବିତ୍ର ଆତ୍ମାଙ୍କ ବାପ୍ତିସ୍ମ ବିଷୟରେ ବିଶ୍ୱାସୀମାନେ କେତେକ ସାଧାରଣ ପ୍ରଶ୍ନ ପଚାରିଥାନ୍ତି । ଏହି ଅଧ୍ୟାୟରେ ସେଗୁଡ଼ିକର ଉତ୍ତର ଦେବାର ପ୍ରୟାସ କରାଯାଇଛି ।

## ହୃଦୟରେ ବାସ କରିବା ଓ ବାପ୍ତିସ୍ମ ମଧ୍ୟରେ ପାର୍ଥକ୍ୟ କ'ଣ ?

ଯେତେବେଳେ ଜଣେ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କଠାରେ ବିଶ୍ୱାସ କରେ, ସେ ପୁନର୍ଜନ୍ମ ହୋଇଥାଏ । ଆମେମାନେ ଆତ୍ମାରେ ଜନ୍ମଲାଭ କରିଥାଉ । ଯେପରି ଗାଲାତୀ ୪:୬ରେ କୁହାଯାଏ : *''ଆଉ ତୁମ୍ଭେମାନେ ପୁତ୍ର, ଏଥିସକାଶେ ଈଶ୍ୱର ଆପଣା ନିକଟରୁ ନିଜ ପୁତ୍ରଙ୍କ ଆତ୍ମାଙ୍କୁ ଆମ୍ଭମାନଙ୍କ ହୃଦୟକୁ ପ୍ରେରଣ କଲେ, ସେହି ଆତ୍ମା ଆବ୍ବା, ପିତଃ, ବୋଲି ଡାକନ୍ତି''* । ଆମେମାନେ ପବିତ୍ର ଆତ୍ମାଙ୍କ ମନ୍ଦିର ଅଟୁ ଓ ଈଶ୍ୱରଙ୍କ ଆତ୍ମା ଆମମାନଙ୍କ ହୃଦୟରେ ଅଧିଷ୍ଠାନ କରନ୍ତି, ଅର୍ଥାତ୍ ସେ ଆମଠାରେ ଅନ୍ତର୍ବାସୀ ଅଟନ୍ତି । ତେବେ ପବିତ୍ର ଆତ୍ମାରେ ବାପ୍ତିସ୍ମ ପାଇବା ପାଇଁ କାହିଁକି ଜଣେ ବିଶ୍ୱାସୀ ନିମନ୍ତେ ପ୍ରାର୍ଥନା କରିବା ଆବଶ୍ୟକ ହୋଇଥାଏ ? ଏ ବିଷୟରେ କେତେକେ ଯୁକ୍ତି କରିଥାନ୍ତି, ''ପବିତ୍ର ଆତ୍ମା କେବେହେଲେ ଆଂଶିକରୂପେ ଆସି ନ ଥାନ୍ତି, କାରଣ ସେ ଜଣେ ବ୍ୟକ୍ତି ଅଟନ୍ତି । ତେଣୁ ତୁମେ ଯଦି ତାଙ୍କୁ ପାଇଛ, ସମ୍ପୂର୍ଣ୍ଣରୂପେ ତାଙ୍କୁ ପାଇଛ, ଆଂଶିକ ଭାବରେ ନୁହେଁ'' ।

ଆତ୍ମିକ ଓ ସାଂସାରିକ ବିଷୟସବୁ ମଧ୍ୟରେ ଅନେକ ସମାନତା ରହିଛି, ଭିନ୍ନତା ବି ରହିଛି । ସାଂସାରିକ ବିଷୟସବୁକୁ ଆମେ ଯେପରି ଭାବରେ ଦେଖିଥାଉ ଆତ୍ମିକ ବିଷୟସବୁ ସେଦୃଷ୍ଟିରୁ ଭିନ୍ନ ଅଟନ୍ତି । ଏହା ସତ୍ୟ ଯେ ସାଂସାରିକ କ୍ଷେତ୍ରରେ ଆପଣ ଯେତେବେଳେ କାହାକୁ ଦେଖନ୍ତି, ତାକୁ ପୂରା ଦେଖିଥାନ୍ତି । ସେହି ବ୍ୟକ୍ତି ତା'ର ଶରୀରର କିଛି ଅଂଶ ଅନ୍ୟ କୌଣସି ସ୍ଥାନରେ ରଖି ଦେଇ ନ ଥାଏ । ତେବେ ପବିତ୍ର ଆତ୍ମାଙ୍କ ବ୍ୟକ୍ତିତ୍ୱ ସମ୍ବନ୍ଧରେ ବିଚାର କଲେ ସେଥିରେ ବହୁତ କିଛି ଭିନ୍ନତା ଦେଖିବାକୁ ମିଳିଥାଏ । ପବିତ୍ର

ଆତ୍ମା ଜଣେ ବ୍ୟକ୍ତି ଅଟନ୍ତି, କିନ୍ତୁ ମନୁଷ୍ୟ ପରି, ସେ ସୀମିତ ନୁହନ୍ତି । **ସେ ଆସିବେ ଓ ବାରମ୍ବାର ଆସିବେ, କାରଣ ସେ ଅସୀମିତ** । ଆମେ ତାଙ୍କୁ ''ଅଧିକ ରୂପେ'' ଲାଭ କରିପାରିବା, କାରଣ ସେ ଅସୀମିତ ଓ ତାଙ୍କୁ ଆମ ଜୀବନରେ ଅସଂଖ୍ୟଥର ଅନୁଭବ କରିପାରିବା ।

ଧର୍ମଶାସ୍ତ୍ରରେ ଆମେ ଦେଖୁ ଯେ ପବିତ୍ର ଆତ୍ମା ବିଭିନ୍ନ ପରିମାଣରେ ଦତ୍ତ ହୋଇଥାନ୍ତି । ମୋଶାଙ୍କଠାରେ ଅଧିଷ୍ଠାନ କରୁଥିବା ଆତ୍ମା ୭୦ଜଣ ପ୍ରାଚୀନଙ୍କ ମଧ୍ୟରେ ବାଣ୍ଟି ଦିଆଗଲା (ଗଣନା ୧୧: ୧୬-୩୦) । ଆମେ ମଧ୍ୟ ଦେଖୁ ଯିହୋଶୂୟ ମଧ୍ୟ ମୋଶାଙ୍କଠାରେ ଥିବା ଜ୍ଞାନଦାୟକ ଆତ୍ମାରେ ପରିପୂର୍ଣ୍ଣ ଥିଲେ (ଦ୍ୱି. ବିବ. ୩୪.୯) । ଏଲିୟଙ୍କୁ ସ୍ୱଦେହରେ ସ୍ୱର୍ଗକୁ ନିଆଯିବା ପରେ ଇଲୀଶାୟ ଏଲିୟଙ୍କଠାରେ ଅଧିଷ୍ଠାନ କରିଥିବା ଆତ୍ମାଙ୍କର ଦୁଇଗୁଣ ପାଇଥିଲେ (୨ ରାଜା ୨: ୯-୧୦) । ବାପ୍ତିଜକ ଯୋହନ ଘୋଷଣା କଲେ ଯେ ଯୀଶୁ ଅପରିମିତ ଭାବରେ ଆତ୍ମା ପ୍ରାପ୍ତ ହୋଇଥିଲେ (ଯୋହନ ୩:୩୪) ।

ଜଣେ ବିଶ୍ୱାସୀର ଜୀବନରେ ପବିତ୍ର ଆତ୍ମାଙ୍କର ଅନ୍ତରରେ କାର୍ଯ୍ୟ ଓ ଆତ୍ମାଙ୍କ ବାପ୍ତିସ୍ମ ମଧ୍ୟରେ ଥିବା ପ୍ରଭେଦକୁ ନିମ୍ନୋକ୍ତ ଶାସ୍ତ୍ରାଂଶଦ୍ୱୟରୁ ବୁଝିହେବ:

''ଯୀଶୁ ତାହାକୁ ଉତ୍ତର ଦେଲେ, ଯେକେହି ଏହି ଜଳପାନ କରେ, ସେ ପୁନର୍ବାର ତୃଷିତ ହେବ; କିନ୍ତୁ ମୁଁ ଯେଉଁ ଜଳ ଦେବି, ତାହା ଯେକେହି ପାନ କରିବ, ସେ କେବେ ହେଁ ତୃଷାର୍ତ୍ତ ହେବ ନାହିଁ, ବରଂ ମୁଁ ତାହାକୁ ଯେଉଁ ଜଳ ଦେବି, ତାହା ଅନନ୍ତ ଜୀବନଦାୟକ ଜଳର ନିର୍ଝର ସ୍ୱରୂପେ ତାହାଠାରେ ଉଚ୍ଛୁଳି ଉଠୁଥିବ''(ଯୋହନ ୪: ୧୩-୧୪) ।

''ଶେଷଦିନ, ଅର୍ଥାତ୍ ପର୍ବର ପ୍ରଧାନ ଦିନ, ଯୀଶୁ ଠିଆ ହୋଇ ଉଚ୍ଚ ସ୍ୱରରେ କହିଲେ, କେହି ଯଦି ତୃଷିତ ହୁଏ, ତେବେ ସେ ମୋ' ନିକଟକୁ ଆସି ପାନ କରୁ । ଯେ ମୋ'ଠାରେ ବିଶ୍ୱାସ କରେ, ଧର୍ମଶାସ୍ତ୍ରର ଉକ୍ତି ପ୍ରମାଣେ ତାହାର ଅନ୍ତରରୁ ଜୀବନ୍ତ ଜଳସ୍ରୋତ ପ୍ରବାହିତ ହେଉଥିବ । ତାହାଙ୍କଠାରେ ବିଶ୍ୱାସକାରୀମାନେ ଯେଉଁ ଆତ୍ମା ପାଇବାକୁ ଯାଉଥିଲେ, ତାହାଙ୍କ ବିଷୟରେ ସେ ଏହା କହିଲେ, କାରଣ ଯୀଶୁ ସେପର୍ଯ୍ୟନ୍ତ ମହିମାପ୍ରାପ୍ତ ହୋଇ ନ ଥିବାରୁ ଆତ୍ମା ପ୍ରଦତ୍ତ ହୋଇ ନ ଥିଲେ'' (ଯୋହନ ୭ : ୩୭-୩୯) ।

ଯୋହନ ୪ରେ ପ୍ରଭୁ ଯୀଶୁ ଏକ ନିର୍ଝର ବିଷୟରେ, ଏବଂ ଯୋହନ ୭ରେ ସେ ଏକ ଜଳସ୍ରୋତ ବିଷୟରେ କହନ୍ତି । ନିର୍ଝର ବିଶ୍ୱାସୀର ଅନ୍ତରରେ ରହିଥାଏ,

ଜଳସ୍ରୋତ ବିଶ୍ୱାସୀର ଅନ୍ତରରୁ ପ୍ରବାହିତ ହୋଇଥାଏ । ଅନ୍ତରସ୍ଥ ନିର୍ଝର ବିଶ୍ୱାସୀକୁ ଅନନ୍ତ ଜୀବନ ଦେଇଥାଏ । ବିଶ୍ୱାସୀଠାରୁ ନିର୍ଗତ ଜଳଧାରା ପବିତ୍ର ଆତ୍ମାଙ୍କର ଉପସ୍ଥିତି ଓ ଶକ୍ତିକୁ ବୁଝାଏ, ଯାହା ବିଶ୍ୱାସୀ ଦ୍ୱାରା ଅନ୍ୟମାନଙ୍କ ନିକଟରେ ଉପଲବ୍ଧ ହୋଇଥାଏ । ଏକା ଜଳ, କିନ୍ତୁ ପରିମାଣସବୁ ଭିନ୍ନ ଓ ଉଦ୍ଦେଶ୍ୟସବୁ ମଧ୍ୟ ଭିନ୍ନ । ତେଣୁ ସେହି ଏକ ଆତ୍ମା କାର୍ଯ୍ୟ କରୁଥିଲେ ମଧ୍ୟ, ପରିମାଣ ଓ ଉଦ୍ଦେଶ୍ୟ ଦୃଷ୍ଟିରୁ ଭିନ୍ନତା ରହିଥାଏ ।

## ୧ କରିନ୍ଥୀ ୧୨:୧୩ ବିଷୟରେ କ'ଣ କୁହାଯିବ ?

''ଯେଣୁ ଆମ୍ଭେମାନେ ଯିହୂଦୀ ହେଉ ବା ଗ୍ରୀକ୍ ହେଉ, ଦାସ ହେଉ ବା ସ୍ୱାଧୀନ ହେଉ, ସମସ୍ତେ ତ ଏକ ଆତ୍ମାଙ୍କ ଦ୍ୱାରା ଏକ ଶରୀର ହେବା ଉଦ୍ଦେଶ୍ୟରେ ବାପ୍ତିଜିତ ହୋଇଅଛୁ; ଆଉ ସମସ୍ତେ ଏକ ଆତ୍ମାରୁ ପାନ କରିଅଛୁ'' (୧ କରିନ୍ଥୀ ୧୨:୧୩) ।

ଅନେକ ସମୟରେ ଲୋକମାନେ ୧ କରିନ୍ଥୀ ୧୨:୧୩ କୁ ବ୍ୟବହାର କରି କହିଥାନ୍ତି ଯେ ଆମେ ସମସ୍ତେ ପବିତ୍ର ଆତ୍ମାରେ ବାପ୍ତିଜିତ ହୋଇଅଛୁ । **ଏକ ବାପ୍ତିସ୍ମ** ଆମମାନଙ୍କୁ ଉଦ୍ଧାର କରିଥାଏ, କିନ୍ତୁ ବିଶ୍ୱାସୀକୁ **ନାନା ବାପ୍ତିସ୍ମ** ବିଷୟରେ ଶିକ୍ଷା ଦିଆଯିବା ଉଚିତ, ଯାହା ଜଣେ ବିଶ୍ୱାସୀ ଅନୁଭବ କରିଥାଏ (ଏବ୍ରୀ ୬:୨) ।

ଯେଉଁ ବାପ୍ତିସ୍ମ ଉଦ୍ଧାର କରିଥାଏ, ତାହା **ଏକ ଶରୀର ହେବା ଉଦ୍ଦେଶ୍ୟରେ ବାପ୍ତିସ୍ମ** ଯାହା ୧ କରିନ୍ଥୀ ୧୨:୧୩ରେ କୁହାଯାଏ । **ଆମେମାନେ ପବିତ୍ର ଆତ୍ମାଙ୍କ ଦ୍ୱାରା ଖ୍ରୀଷ୍ଟଙ୍କ ଶରୀର ଉଦ୍ଦେଶ୍ୟରେ ବାପ୍ତିଜିତ ହୋଇଅଛୁ** । ପରିତ୍ରାଣ ଲାଭ କରିବା ସମୟରେ ଏହା ଘଟିଥାଏ ।

ଏହାପରେ ରହିଛି **ଜଳରେ ବାପ୍ତିସ୍ମ,** ଯେତେବେଳେ ଆମେ ଜଳରେ ବାପ୍ତିଜିତ ହୋଇଥାଉ । **ଜଳରେ ଆମେ ଅନ୍ୟ ଜଣେ ବିଶ୍ୱାସୀ ଦ୍ୱାରା ବାପ୍ତିଜିତ ହୋଇଥାଉ ।** ସେହି ବିଶ୍ୱାସୀ ଜଣକ ଯୀଶୁଙ୍କ ନାମରେ (ଅର୍ଥାତ୍ ଯୀଶୁଙ୍କ ଅଧିକାରରେ), ପିତା, ପୁତ୍ର ଓ ପବିତ୍ର ଆତ୍ମାଙ୍କ ନାମରେ ଜଳରେ ବାପ୍ତିସ୍ମ ଦେଇଥାନ୍ତି (ମାଥିଉ ୨୮: ୧୮-୨୦) । ଜଳରେ ବାପ୍ତିସ୍ମ ନେବା ଦ୍ୱାରା ଆମେ ମୂଳତଃ ଘୋଷଣା କରିଥାଉ ଯେ ଆମେ ଯୀଶୁଖ୍ରୀଷ୍ଟଙ୍କର ଜଣେ ଶିଷ୍ୟ ହେବାକୁ ମନୋନୀତ କରିଛୁ ଏବଂ ତାହାଙ୍କ ନାମରେ ଆମେ ଚିହ୍ନିତ ଅଟୁ । ପରିତ୍ରାଣ ପ୍ରାପ୍ତ ହେବା ପରେ ପରେ ଯେକୌଣସି ସମୟରେ ଆମେ ଜଳରେ ବାପ୍ତିସ୍ମ ଗ୍ରହଣ କରିଥାଉ ।

**ପବିତ୍ର ଆତ୍ମାରେ ବାପ୍ତିସ୍ମ** ମଧ୍ୟ ଅନ୍ୟ ଏକ ବାପ୍ତିସ୍ମ । **ଆମେ ଯୀଶୁଙ୍କ ଦ୍ୱାରା, ପବିତ୍ର ଆତ୍ମାରେ ବାପ୍ତିଜିତ ହୋଇଥାଉ** (ମାଥିଉ ୩:୧୧; ପ୍ରେରିତ ୧: ୫, ୮) । ଶକ୍ତି ଓ ଶୁଦ୍ଧତା ପ୍ରାପ୍ତି ପାଇଁ ଏହି ବାପ୍ତିସ୍ମ ଆବଶ୍ୟକ ହୋଇଥାଏ । ପବିତ୍ର ଆତ୍ମାରେ ବାପ୍ତିସ୍ମ ଯାହାକି ଏହି ପୁସ୍ତକର ପ୍ରସଙ୍ଗ ଅଟେ, ଜଣେ ପରିତ୍ରାଣ ପାଇବା ପରେ ବା ପରିତ୍ରାଣ ପାଇବା ସମୟରେ ସୁଦ୍ଧା ପାଇ ପାରେ, ଯେପରି କର୍ଣ୍ଣୀଲିୟଙ୍କ ଗୃହରେ ଘଟିଥିଲା (ପ୍ରେରିତ ୧୦) ।

ତେଣୁ ଏହି ତିନୋଟି ବାପ୍ତିସ୍ମରେ, ଆମେ ଦେଖୁ **କିଏ ବାପ୍ତିସ୍ମ ଦିଅନ୍ତି, କେଉଁ ଉଦ୍ଦେଶରେ** ଆମେ ବାପ୍ତିଜିତ ହେଉ ଓ ବାପ୍ତିସ୍ମର **ଉଦ୍ଦେଶ୍ୟ,** ଏଥିରେ ପ୍ରଭେଦ ରହିଛି । ଏଣୁ ୧ କରିନ୍ଥୀ ୧୨:୧୩ରେ ଖ୍ରୀଷ୍ଟଙ୍କ ଶରୀର ଉଦ୍ଦେଶ୍ୟରେ ବାପ୍ତିଜିତ ହେବାକୁ ବୁଝାଏ ଯାହାକି ପବିତ୍ର ଆତ୍ମାରେ ବାପ୍ତିଜିତ ହେବାଠାରୁ ଭିନ୍ନ ଅଟେ ।

## ପରଭାଷା କାହିଁକି ?

ଏହା ଏକ ଚିତ୍ତାକର୍ଷକ ବିଷୟ ଯେ ଅଜଣା ଭାଷାସବୁରେ କଥା କହିବା ଭଳି ଏକ ଆତ୍ମିକ ଦାନର ପରିକଳ୍ପନା ଈଶ୍ୱର କରିଛନ୍ତି, ଯଦ୍ଦ୍ୱାରା ଆମେ ଆତ୍ମାଙ୍କ ଦ୍ୱାରା ମନୁଷ୍ୟମାନଙ୍କର ଓ ଦୂତମାନଙ୍କର ଭାଷାରେ କଥା କହିଥାଉ (୧ କରିନ୍ଥୀ ୧୩:୧) । ଏହା ମଧ୍ୟ ଏକ କୌତୂହଳୋଦ୍ଦୀପକ ବିଷୟ ଯେ ପବିତ୍ର ଆତ୍ମାରେ ବାପ୍ତିସ୍ମ ଲାଭ କରିବାର ପ୍ରଥମ ଦାନରୂପେ ଈଶ୍ୱର ଏହା ବିଶ୍ୱାସୀକୁ ଦେଇଥାନ୍ତି, ଯେପରି କି ଏହାକୁ ସେ ବ୍ୟବହାର କରି ବ୍ୟକ୍ତ କରିପାରେ । ଈଶ୍ୱର କାହିଁକି ଏପରି କରିଥାନ୍ତି? ଅନେକଙ୍କ ନିମନ୍ତେ, ‘‘ଅନ୍ୟାନ୍ୟ ଭାଷାରେ କଥା କହିବା’’ ବୌଦ୍ଧିକ ମନ ପ୍ରତି ମର୍ଯ୍ୟାଦା ହାନିକାରକ ।

କିନ୍ତୁ ଏହି କାରଣରୁ ହିଁ ଆମେ ଅନ୍ୟାନ୍ୟ ଭାଷାରେ କଥା କହିବା ବିଷୟକୁ ଗ୍ରହଣ କରିନେବା ଉଚିତ । ଆମେ ଈଶ୍ୱରଙ୍କ ଠାରେ ନିର୍ଭର କରୁ । ଆମେ ତାଙ୍କର ଜ୍ଞାନ ଉପରେ ନିର୍ଭର କରୁ । ଆମେ ଆମର ବୋଧଶକ୍ତିର ବାହାରେ ତାଙ୍କ ଉପରେ ନିର୍ଭର କରୁ । ଏଣୁ ସେ ଯେଉଁ ମାର୍ଗରେ କାର୍ଯ୍ୟ କରନ୍ତି ଆମେ ତାଙ୍କୁ ସରଳ ଭାବରେ ଗ୍ରହଣ କରିନେଉ ଓ ତା’ର ଅନୁସରଣ କରୁ । ଅନ୍ୟାନ୍ୟ ଆତ୍ମିକ ଦାନ ପରିପ୍ରକାଶ କରିବା ମଧ୍ୟ ଅନୁରୂପ ବିଶ୍ୱାସ ଓ ସମ୍ମତି ଆବଶ୍ୟକ କରେ, ଯଦ୍ଦ୍ୱାରା ଆମେ ଆମ ବୋଧଶକ୍ତିର ବାହାରକୁ ଯାଇ ତାଙ୍କ ଉପରେ ନିର୍ଭର କରିଥାଉ । ଏହାଦ୍ୱାରା ଆତ୍ମିକ ଦାନସକଳ ମାଧ୍ୟମରେ ତାଙ୍କର ଶକ୍ତି ପ୍ରଦର୍ଶିତ ହୋଇଥାଏ ।

## ପରଭାଷାରେ କଥା କହିବା କ'ଣ ପବିତ୍ର ଆତ୍ମାରେ ବାପ୍ତିସ୍ମ ଲାଭର ପ୍ରମାଣ ଅଟେ କି ?

ପରଭାଷାରେ କଥା କହିବାର ବିଭିନ୍ନ ଲାଭ ସମ୍ପର୍କରେ ଜାଣିବା ପାଇଁ APC ପ୍ରକାଶନ ପକ୍ଷରୁ ପ୍ରକାଶିତ ପୁସ୍ତକ ''ପରଭାଷାରେ ପ୍ରାର୍ଥନା କରିବାର ବିସ୍ମୟକର ଉପକାରସମୂହ'' ପାଠ କରନ୍ତୁ । ଏହାକୁ ଆମର ୱେବ୍ ସାଇଟ୍ **apcwo.org/publications** ରୁ ମାଗଣାରେ ଡାଉନ୍‌ଲୋଡ୍ କରିପାରିବେ ।

ପ୍ରେରିତ ପୁସ୍ତକରେ ବର୍ଣ୍ଣିତ ପାଞ୍ଚୋଟି ଘଟଣାରୁ ଆମେ ଏହି ପ୍ରଶ୍ନର ଉତ୍ତରକୁ ''ହଁ'' କହିପାରିବା । ପବିତ୍ର ଆତ୍ମାରେ ବାପ୍ତିଜିତ ହେବା ପରେ ଲୋକମାନେ ବିଭିନ୍ନ ଭାଷାରେ କଥା କହିଥିଲେ । ଏହା ସ୍ୱାଭାବିକ ଥିଲା ଓ ଏହା ହିଁ ଆଶା କରାଯାଇଥିଲା ।

ଅନ୍ୟ ପକ୍ଷରେ, ଆମେ ଜାଣୁ ଯେ ପବିତ୍ର ଆତ୍ମାଙ୍କର ନ'ଟି ଦାନ ରହିଛି । ତେଣୁ ଏକ ସାଧାରଣ ପ୍ରଶ୍ନ ଉଠିପାରେ, ଜଣେ ବିଶ୍ୱାସୀ ଆତ୍ମାରେ ବାପ୍ତିଜିତ ହେଲେ ପରଭାଷା ବ୍ୟତୀତ, ଆତ୍ମାଙ୍କର ମନୋନୟନ ଅନୁସାରେ ଅନ୍ୟାନ୍ୟ ଦାନର ପରିପ୍ରକାଶ ମଧ୍ୟ ଘଟିପାରେ । ଆମେ ଏହି ପ୍ରଶ୍ନ ପ୍ରତି ଉନ୍ମୁକ୍ତ ଅଟୁ ଏବଂ ବୁଝୁ ଯେ ଏହା ନିଶ୍ଚେ ସମ୍ଭବପର ।

ଜଣେ ବିଶ୍ୱାସୀ କ'ଣ ପବିତ୍ର ଆତ୍ମାରେ ବାପ୍ତିଜିତ ହେଲେ ପରଭାଷା ବ୍ୟତିରେକେ ଅନ୍ୟାନ୍ୟ ଆତ୍ମିକ ଦାନ ପ୍ରକାଶ କରିବା କ'ଣ ସମ୍ଭବ ? ନିଶ୍ଚିତରୂପେ, ହଁ ।

ତଥାପି, ଯେହେତୁ ଆମର ଲକ୍ଷ୍ୟ ରହିଛି ଯେ ବିଶ୍ୱାସୀମାନେ ସକ୍ରିୟ ହେଉନ୍ତୁ ଓ ଆତ୍ମାଙ୍କର ନ'ଟି ଦାନ ସେମାନଙ୍କ ମଧ୍ୟରେ କାର୍ଯ୍ୟକାରୀ ହେଉ, ଏଣୁ ଆମେ ବିଶ୍ୱାସୀମାନଙ୍କୁ ଉତ୍ସାହିତ କରୁ ଯେପରି ସେମାନେ ପବିତ୍ର ଆତ୍ମାରେ ବାପ୍ତିସ୍ମ ଗ୍ରହଣ କରିବା ଉଦ୍ଦେଶ୍ୟରେ ପ୍ରାର୍ଥନା କରିବା ସମୟରେ ଅନ୍ୟାନ୍ୟ ଭାଷାରେ କଥା କହିବା ପାଇଁ ବାଞ୍ଛା କରନ୍ତୁ ଓ ଆଶା ରଖନ୍ତୁ । ଆମେ କେବଳ ସେତିକିରେ ଅଟକି ଯିବା ଅନୁଚିତ । ଆମେ ମଧ୍ୟ ସେମାନଙ୍କୁ ଉତ୍ସାହିତ କରୁ ଯେପରି ସେମାନେ ନ'ଟି ଯାକ ଆତ୍ମିକ ଦାନ ପ୍ରକାଶ କରନ୍ତି ।

ଆମେ ସମସ୍ତ ବିଶ୍ୱାସୀମାନଙ୍କୁ ଅନ୍ୟାନ୍ୟ ଭାଷାରେ କଥା କହିବାକୁ ଉତ୍ସାହିତ କରୁଛୁ, କାରଣ ପ୍ରଭୁ ଯୀଶୁ କହନ୍ତି ଯେ ଏହା ସମସ୍ତ ବିଶ୍ୱାସୀଙ୍କଠାରେ ପ୍ରକାଶ ପାଇବ । *''ଆଉ, ବିଶ୍ୱାସୀମାନଙ୍କର ଏହିସବୁ ଚିହ୍ନ ଅନୁବର୍ତ୍ତୀ ହେବ, ସେମାନେ ମୋ' ନାମରେ ଭୂତ ଛଡ଼ାଇବେ, ନୂତନ ନୂତନ ଭାଷାରେ କଥା କହିବେ, ହସ୍ତରେ ସର୍ପ ଧରିବେ, ପୁଣି ପ୍ରାଣନାଶକ କୌଣସି ପଦାର୍ଥ ପାନ କଲେ ସେମାନଙ୍କର କିଛି କ୍ଷତି ହେବ ନାହିଁ; ସେମାନେ*

*ପୀଡ଼ିତମାନଙ୍କ ଉପରେ ହସ୍ତ ଥୋଇଲେ ସେମାନେ ସୁସ୍ଥ ହେବେ''* (ମାର୍କ ୧୬: ୧୭-୧୮) ।

## ପବିତ୍ର ଆତ୍ମାରେ ବାପ୍ତିସ୍ମ ଲାଭ କରିବା ପାଇଁ ମୋତେ ''ଅପେକ୍ଷା'' କରିବାକୁ ପଡ଼ିବ କି ?

ନା । ଅପେକ୍ଷା କରିବା ଅନାବଶ୍ୟକ । ହଁ, ଆମେ ବିଶ୍ୱାସ ଓ ଆଶାପୋଷଣ କରି ନିଶ୍ଚେ ପ୍ରାର୍ଥନା କରିବାକୁ ହେବ । କିନ୍ତୁ ଆମେ ଅନେକ ଦିନ ''ଅପେକ୍ଷା'' କରିବା ଅନାବଶ୍ୟକ । ତେବେ ୧୨୦ଜଣ ଯିରୁଶାଲମରେ ଅପେକ୍ଷା କରିବାର କାରଣ ଏହି ଯେ ସେମାନେ ପେଣ୍ଟିକଷ୍ଟ ଦିବସ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ହୋଇଥିଲା, ଯେହେତୁ ଈଶ୍ୱର ସ୍ଥିର କରିଥିଲେ ଯେ ଏହି ଦିନ ସେ ପବିତ୍ର ଆତ୍ମାଙ୍କର ବୃଷ୍ଟି କରିବେ । ପରବର୍ତ୍ତୀ ଅନ୍ୟାନ୍ୟ ଘଟଣାସବୁରେ ଆମେ ଦେଖୁ ଯେ ଯେତେବେଳେ ଲୋକମାନଙ୍କ ପାଇଁ ପ୍ରାର୍ଥନା କରାଯାଇଛି ସେମାନେ ପ୍ରାର୍ଥନା କରାଯାଉଥିବା ସମୟରେ ହିଁ ପବିତ୍ର ଆତ୍ମାରେ ବାପ୍ତିସ୍ମ ଲାଭ କରିଛନ୍ତି ।

## ପବିତ୍ର ଆତ୍ମାରେ ବାପ୍ତିସ୍ମ ଗ୍ରହଣ କରିବା ପାଇଁ ହସ୍ତାର୍ପଣ ଆବଶ୍ୟକ କି ?

ସେପରି ଆବଶ୍ୟକତା ନାହିଁ । ମନେ ରଖନ୍ତୁ ଯେ ପ୍ରଭୁ ଯୀଶୁ ହିଁ ଆମକୁ ପବିତ୍ର ଆତ୍ମାରେ ବାପ୍ତିଜିତ କରିଥାନ୍ତି । ତେଣୁ ସେ ଅନ୍ୟ କାହାକୁ ଆପଣଙ୍କ ପାଇଁ ପ୍ରାର୍ଥନା କରିବାକୁ ବ୍ୟବହାର କରିପାରନ୍ତି କିଅବା ଅନ୍ୟ ସଙ୍ଗେ ମିଶି ପ୍ରାର୍ଥନା ନ କରିବା ଦ୍ୱାରା ଓ ଅନ୍ୟର ହସ୍ତାର୍ପଣ ବିନା ମଧ୍ୟ ସେ ଏହି ବାପ୍ତିସ୍ମ ପ୍ରଦାନ କରିପାରନ୍ତି । ଆପଣ ବ୍ୟକ୍ତିଗତ ଭାବରେ ପ୍ରାର୍ଥନା କରି ବିଶ୍ୱାସରେ ତାଙ୍କୁ ଗ୍ରହଣ କରିପାରିବେ । ଆପଣ ପବିତ୍ର ଆତ୍ମାରେ ବାପ୍ତିଜିତ ହେବା ନିମନ୍ତେ ଅନ୍ୟ ଜଣେ ପ୍ରାର୍ଥନା କରିବା ଆବଶ୍ୟକ ନୁହେଁ । ପେଣ୍ଟିକଷ୍ଟ ଦିବସରେ ଓ କର୍ଣ୍ଣୀଲିୟଙ୍କ ଗୃହରେ ବିନା ହସ୍ତାର୍ପଣରେ ପବିତ୍ର ଆତ୍ମା ଅବତରଣ କରିଥିଲେ ।

## ପବିତ୍ର ଆତ୍ମାରେ ବାପ୍ତିସ୍ମ ଲାଭ କରିବା ପୂର୍ବରୁ ଜଳରେ ବାପ୍ତିଜିତ ହେବା ଆବଶ୍ୟକ କି ?

ନିହାତି ଆବଶ୍ୟକ ନୁହେଁ । ଶାଉଲଙ୍କ କ୍ଷେତ୍ରରେ ଓ କର୍ଣ୍ଣୀଲିୟଙ୍କ ଗୃହର ଘଟଣାରେ ଆମେ ଦେଖୁ ଯେ ଲୋକମାନେ ପବିତ୍ର ଆତ୍ମାରେ ପ୍ରଥମେ ବାପ୍ତିଜିତ ହେଲେ ଓ ପରେ ଜଳରେ ବାପ୍ତିଜିତ ହେଲେ । ଶମିରୋଣ ଓ ଏଫିସୀର ବିଶ୍ୱାସୀମାନେ ପ୍ରଥମେ ଜଳରେ

ବାପ୍ତିଜିତ ହେଲେ ଓ ପରେ ପବିତ୍ର ଆତ୍ମାରେ ବାପ୍ତିଜିତ ହେଲେ । ତେଣୁ ଈଶ୍ୱର ଯେକୌଣସି ମାର୍ଗରେ କାର୍ଯ୍ୟ କରିପାରନ୍ତି ।

## ପରଭାଷାକୁ ସବୁବେଳେ ବୁଝିବା ଆବଶ୍ୟକ କି ?

ପ୍ରେରିତ ୨ରେ ପେଣ୍ଟିକଷ୍ଟ ଦିବସରେ ଆମେ ଜାଣୁ ଯେ ସେଠାରେ ଉପସ୍ଥିତ ଲୋକମାନେ ସେମାନଙ୍କ ମାତୃଭାଷାରେ ଈଶ୍ୱରଙ୍କ  ମହତ୍ ମହତ୍  କର୍ମର କଥା କୁହା ଯାଉଥିବା ଶୁଣିଥିଲେ । ଏହା ମଧ୍ୟ ସମ୍ଭବ ଯେ ୧୨୦ଜଣ ବିଶ୍ୱାସୀ ଯେଉଁମାନେ ସେଦିନ ପବିତ୍ର ଆତ୍ମାରେ ବାପ୍ତିଜିତ ହୋଇଥିଲେ ସେମାନେ ଅନ୍ୟ କେତେକ ଭାଷା କହିଥିଲେ ଯାହା ଅବୋଧ ହୋଇଥିବ ଏବଂ ସେସବୁ ମର୍ତ୍ତ୍ୟରେ ପ୍ରଚଳିତ ଭାଷା ଏପରିକି ସ୍ୱର୍ଗୀୟ ଭାଷା ହୋଇଥିବ । ୧୨୦ଜଣ ଯେ ଉପସ୍ଥିତ ଲୋକମାନଙ୍କ ଭାଷାରେ ହିଁ କଥା କହିଥିଲେ ଏହା କହିବା ଭୁଲ ଅଟେ । ଧର୍ମଶାସ୍ତ୍ର କହେ ଯେ ଉପସ୍ଥିତ ଜନତା ସେମାନଙ୍କ ନିଜ ନିଜର ଭାଷାରେ ବିଭିନ୍ନ ବିଷୟ ଶୁଣିଥିଲେ । ତେଣୁ ଏହା ସମ୍ଭବ ଯେ ୧୨୦ଜଣ ଅନ୍ୟାନ୍ୟ ଅଜଣା ଭାଷାରେ ବି କଥା କହିଥିବେ ।

''ପୁଣି, ସେମାନେ ଆଚମ୍ବିତ ଓ ଚମତ୍କୃତ ହୋଇ କହିବାକୁ ଲାଗିଲେ, ଦେଖ, ଏହି ଯେଉଁ ଲୋକମାନେ କଥା କହୁଅଛନ୍ତି, ସେମାନେ ସମସ୍ତେ କଅଣ ଗାଲିଲୀୟ ନୁହନ୍ତି ? ତେବେ, ଆମ୍ଭେମାନେ କିପରି ପ୍ରତ୍ୟେକ ଜଣ ଆପଣା ଆପଣା ଜନ୍ମଭୂମିର ଭାଷାରେ କଥା ଶୁଣୁଅଛୁ ? ପାର୍ଥୀୟ, ମାଦୀୟ ଓ ଏଲାମୀୟ, ପୁଣି ମେସପତାମିଆ, ଯିହୂଦା ଦେଶ ଓ କାପ୍ପାଦକିଆ, ପନ୍ତ ଓ ଆସିଆ,  ଫ୍ରୁଗିଆ ଓ ପଂଫୂଲିଆ, ମିସର ଓ କୂରୀଣୀ ନିକଟବର୍ତ୍ତୀ ଲିବିଆ ଅଞ୍ଚଳନିବାସୀ ଏବଂ ରୋମରୁ ଆଗତ ଯିହୂଦୀ ଓ ଯିହୂଦୀଧର୍ମାବଲମ୍ବୀ ପ୍ରବାସୀ, ପୁଣି କ୍ରୀତୀୟ ଓ ଆରବୀୟ ଲୋକ ଯେ ଆମ୍ଭେମାନେ, ଆମ୍ଭେମାନେ ଆପଣା ଆପଣା ଭାଷାରେ ଏମାନଙ୍କୁ ଈଶ୍ୱରଙ୍କ ମହତ୍ ମହତ୍ କର୍ମର କଥା କହିବା ଶୁଣୁଅଛୁ'' (ପ୍ରେରିତ ୨: ୭-୧୧) ।

ଧର୍ମଶାସ୍ତ୍ରରେ ମଧ୍ୟ ସ୍ପଷ୍ଟରୂପେ କୁହାଯାଇ ନାହିଁ ଯେ ପ୍ରେରିତ ୧୦ ଓ ପ୍ରେରିତ ୧୯ରେ ଯେଉଁମାନେ ପବିତ୍ର ଆତ୍ମାରେ ବାପ୍ତିଜିତ ହୋଇ ବିଭିନ୍ନ ଭାଷାରେ କଥା କହିଥିଲେ ସେମାନେ ତାହା ବୁଝି ପାରିଥିଲେ ।

ଅନ୍ୟ ପକ୍ଷରେ ଧର୍ମଶାସ୍ତ୍ର ସ୍ପଷ୍ଟଭାବରେ ଶିକ୍ଷା ଦିଏ ଯେ ଯେତେବେଳେ ଆମେ ପରଭାଷାରେ କଥା କହୁ ଆମେ ମନୁଷ୍ୟମାନଙ୍କ ଓ ଦୂତମାନଙ୍କ ଭାଷାରେ କହୁ (୧ କରିନ୍ଥୀ ୧୩:୧) । ଏହାର ଅର୍ଥ ଆମେ ଯେଉଁସବୁ ଭାଷାରେ କହିବା ତାହା ଅନ୍ୟ କେହି

ବୁଝି ନ ପାରନ୍ତି । ତେଣୁ, ପ୍ରେରିତ ପାଉଲ ସ୍ପଷ୍ଟ ଭାବରେ କହନ୍ତି ଯେ ଆମେ ପରଭାଷାରେ କଥା କହିଲେ ''କେହି ତାହା ବୁଝେ ନାହିଁ ।''

''ଯଦି ମୁଁ ମନୁଷ୍ୟମାନଙ୍କ ଓ ଦୂତମାନଙ୍କ ଭାଷାରେ କଥା କହେ, କିନ୍ତୁ ମୋହର ପ୍ରେମ ନ ଥାଏ, ତେବେ ମୁଁ ଶବ୍ଦକାରକ ଘଣ୍ଟା କିମ୍ବା ଝମ୍ ଝମ୍ ଶବ୍ଦକାରୀ କରତାଳସ୍ୱରୂପ ହୋଇଅଛି'' (୧ କରିନ୍ଥୀ ୧୩:୧) ।

''କାରଣ ଯେ ପରଭାଷାରେ କଥା କହେ, ସେ ମନୁଷ୍ୟକୁ କଥା କହେ ନାହିଁ, କିନ୍ତୁ ଈଶ୍ୱରଙ୍କୁ କହେ, ଯେଣୁ କେହି ତାହା ବୁଝେ ନାହିଁ, ମାତ୍ର ସେ ଆତ୍ମା ଦ୍ୱାରା ନିଗୂଢ଼ ବିଷୟ କହେ'' (୧ କରିନ୍ଥୀ ୧୪:୨) ।

ଆମେ ବୁଝିବା ଆବଶ୍ୟକ ଯେ ପରଭାଷାରେ କଥା କହିବା / ପ୍ରାର୍ଥନା କରିବାର ଅନେକ ବ୍ୟବହାର ବିଷୟରେ ଧର୍ମଶାସ୍ତ୍ରରେ କୁହାଯାଏ । ସେଥିରୁ ନିମ୍ନରେ କେତୋଟି ଦିଆଯାଇଛି ।

(କ) **ବ୍ୟକ୍ତିଗତ ପ୍ରାର୍ଥନା, ନିବେଦନ ଓ ନିଷ୍ଠା ନିମନ୍ତେ:** ପରଭାଷାର ଏହା ସବୁଠୁ ଅଧିକ ସାଧାରଣ ବ୍ୟବହାର । ବିଶ୍ୱାସୀ ପରଭାଷାରେ କଥା କହିଥାଏ ଓ ପ୍ରାର୍ଥନା କରିଥାଏ, ଯଦ୍ଦ୍ୱାରା ସେ ଆନ୍ତରିକ ନିଷ୍ଠା ପ୍ରାପ୍ତ ହୋଇଥାଏ, ଈଶ୍ୱରଙ୍କ ସହିତ ସିଧାସଳଖ ସହଭାଗିତା ରକ୍ଷା କରିଥାଏ, ଏବଂ ଅନ୍ୟମାନଙ୍କ ନିମନ୍ତେ ନିବେଦନ କରିଥାଏ (୧ କରିନ୍ଥୀ ୧୪:୨, ୪ ; ରୋମୀ ୮: ୨୬-୨୭) ।

(ଖ) **ପରଭାଷାର ଅର୍ଥ କରିବା:** ଏକ ସମାବେଶରେ ଜଣେ ବିଶ୍ୱାସୀ ଯଦି ପରଭାଷାରେ ସମ୍ବାଦ ଦିଏ ଓ ତା'ର ଅର୍ଥ ପ୍ରକାଶ କରାଯାଏ, ତେବେ ସେଠାରେ ଉପସ୍ଥିତ ସମସ୍ତେ ତାହା ବୁଝିପାରିବେ ଓ ନିଷ୍ଠା ପ୍ରାପ୍ତ ହେବେ (୧ କରିନ୍ଥୀ ୧୪: ୫, ୧୩) ।

(ଗ) **ଅବିଶ୍ୱାସୀମାନଙ୍କ ନିମନ୍ତେ ପରଭାଷା ଚିହ୍ନ ସ୍ୱରୂପ:** ଏହି କ୍ଷେତ୍ରରେ ଜଣେ ବିଶ୍ୱାସୀ ଆତ୍ମାଙ୍କ ଦ୍ୱାରା ଚାଳିତ ହୋଇ ଯେଉଁ ଭାଷା କହେ ତାହା ଉପସ୍ଥିତ ଥିବା ଅବିଶ୍ୱାସୀମାନେ ବୁଝିଥାନ୍ତି, ଯଦ୍ଦ୍ୱାରା ସେମାନେ ପ୍ରଭୁଙ୍କ ବିଷୟକ ସତ୍ୟକୁ ଶୁଣି ପାରିଥାନ୍ତି (୧ କରିନ୍ଥୀ ୧୪:୨୨; ପ୍ରେରିତ ୨: ୭-୧୧) ।

ତେଣୁ ଏହି ପ୍ରଶ୍ନର ଉତ୍ତର ହେଉଛି, ''ନା, ପରଭାଷା ସବୁସମୟରେ ବୁଝି ହେବନାହିଁ ।''

# ୪

# ଗ୍ରହଣ କରିବା ପାଇଁ ନିର୍ଦ୍ଦେଶାବଳୀ ଓ ପ୍ରାର୍ଥନା

ପବିତ୍ର ଆତ୍ମାଙ୍କ ବାପ୍ତିସ୍ମ ଗ୍ରହଣ ପୂରାପୂରି ଈଶ୍ୱରଙ୍କ କାର୍ଯ୍ୟ । ଏହାକୁ ଆମେ ତିଆରି କରିପାରିବା ନାହିଁ ଅଥବା ଲୋକଙ୍କୁ ଏଥିନିମନ୍ତେ ବାଧ୍ୟ କରି ପାରିବା ନାହିଁ । ଆମେ ଲୋକମାନଙ୍କୁ ଶିକ୍ଷା ଦେଇ ପାରିବା ଈଶ୍ୱରଙ୍କ ବାକ୍ୟ ଏବିଷୟରେ କ'ଣ କହେ । ସେମାନଙ୍କୁ ଆମେ କେତେକ ବ୍ୟାବହାରିକ ନିର୍ଦ୍ଦେଶ ଦେଇ ସେମାନଙ୍କ ନିମନ୍ତେ ପ୍ରାର୍ଥନା କରିପାରିବା । ଈଶ୍ୱର ତାଙ୍କ ବାକ୍ୟ ପ୍ରତି ସଦା ବିଶ୍ୱସ୍ତ ଓ ସେ ତାଙ୍କ ଲୋକମାନଙ୍କୁ ବାପ୍ତିସ୍ମ ଦେବେ । ଯେଉଁମାନେ ତୃଷିତ ସେମାନଙ୍କ ଉପରେ ସେ ତାଙ୍କ ଆତ୍ମାଙ୍କୁ ଢାଳିବେ (ଯିଶା ୪୪:୩) ।

## ଯୀଶୁ ପବିତ୍ର ଆତ୍ମାରେ ବାପ୍ତିସ୍ମ ଦିଅନ୍ତି, ତେଣୁ ତାଙ୍କ ପ୍ରତି ଅନାନ୍ତୁ

ବାଇବଲ କହେ ଯେ ଯୀଶୁ ଆମକୁ ପବିତ୍ର ଆତ୍ମାରେ ବାପ୍ତିସ୍ମ ଦେବେ (ମାଥିଉ ୩:୧୧) । ତେଣୁ, ପବିତ୍ର ଆତ୍ମାରେ ବାପ୍ତିସ୍ମ ଲାଭ ପାଇଁ କୌଣସି ପାଳକ ବା ପ୍ରଭୁଙ୍କର ଜଣେ ଦାସଙ୍କର ସାହାଯ୍ୟ ଲୋଡ଼ିବା ଅନାବଶ୍ୟକ ! ଆମେ ଯୀଶୁଙ୍କ ନିକଟରେ ଭିକ୍ଷା କରିବା ଯେପରି ସେ ଆମକୁ ପବିତ୍ର ଆତ୍ମାରେ ବାପ୍ତିସ୍ମ ଦେବେ, ତାଙ୍କୁ ଆମ ଉପରେ ଢ଼ାଳି ଦେବେ । ସେ ଯେତେବେଳେ ତାଙ୍କର ଆତ୍ମାଙ୍କୁ ଢ଼ାଳି ଦେବେ ସ୍ୱର୍ଗୀୟ ଭାଷାସବୁ ନିର୍ଗତ ହେବ । ପ୍ରେରିତ ପୁସ୍ତକରେ ଏହା ଘଟିଥିଲା । ଲୋକମାନେ ଯେତେବେଳେ ପବିତ୍ର ଆତ୍ମାଙ୍କର ଦାନ ପାଇଲେ, କିଛି ଅଲୌକିକ ବିଷୟ ଘଟିଥିଲା । ସେମାନେ ବିଭିନ୍ନ ଭାଷାରେ ଈଶ୍ୱରଙ୍କର ଉପାସନା କରିଥିଲେ ।

## ଆପଣ ଜଣେ ବିଶ୍ୱାସୀ, ଏଣୁ ଆପଣ ଅନ୍ୟାନ୍ୟ ଭାଷାରେ କଥା କହିପାରିବେ

ମନେ ରଖନ୍ତୁ ବିଶ୍ୱାସୀଭାବରେ ଆପଣ ନୂତନ ନୂତନ ଭାଷାରେ କଥା କହିପାରିବେ । ପ୍ରଭୁ ଯୀଶୁ ଏହା କହିଛନ୍ତି । ନିମ୍ନ ଶାସ୍ତ୍ରାଂଶକୁ ପାଠ କରନ୍ତୁ:

*''ଆଉ, ବିଶ୍ୱାସୀମାନଙ୍କର ଏହିସବୁ ଚିହ୍ନ ଅନୁବର୍ତ୍ତୀ ହେବ, ସେମାନେ ମୋ' ନାମରେ ଭୂତ ଛଡ଼ାଇବେ, ନୂତନ ନୂତନ ଭାଷାରେ କଥା କହିବେ, ହସ୍ତରେ ସର୍ପ ଧରିବେ, ପୁଣି ପ୍ରାଣନାଶକ କୌଣସି ପଦାର୍ଥ ପାନ କଲେ ସେମାନଙ୍କର କିଛି କ୍ଷତି ହେବନାହିଁ; ସେମାନେ ପୀଡ଼ିତମାନଙ୍କ ଉପରେ ହସ୍ତ ଥୋଇଲେ ସେମାନେ ସୁସ୍ଥ ହେବେ''*(ମାର୍କ ୧୬: ୧୭-୧୮) ।

## ବିଶ୍ୱାସର ଏକ ପଦକ୍ଷେପ ନିଅନ୍ତୁ

ଆମେ ବିଶ୍ୱାସରେ ପ୍ରତିଜ୍ଞାତ ଆତ୍ମାଙ୍କୁ ଗ୍ରହଣ କରୁ । ପବିତ୍ର ଆତ୍ମାଙ୍କ ଦାନକୁ ପ୍ରାପ୍ତ ହେବାକୁ ହେଲେ ଅର୍ଥାତ୍ ଏହି ପ୍ରତିଜ୍ଞାକୁ ଗ୍ରହଣ କରିବାକୁ ହେଲେ କେବଳ ସରଳ ବିଶ୍ୱାସ ଆବଶ୍ୟକ ।

''ଯୀଶୁ ଖ୍ରୀଷ୍ଟଙ୍କ ହେତୁ ଅବ୍ରହାମଙ୍କର ଆଶୀର୍ବାଦ ଯେପରି ବିଜାତିମାନଙ୍କ ପ୍ରତି ବର୍ତ୍ତେ, ପୁଣି ଆମ୍ଭେମାନେ ଯେପରି ବିଶ୍ୱାସ ହେତୁ ପ୍ରତିଜ୍ଞାତ ଆତ୍ମା ପ୍ରାପ୍ତ ହେଉ, ଏଥିପାଇଁ ଖ୍ରୀଷ୍ଟ ଆମ୍ଭମାନଙ୍କ ନିମନ୍ତେ ଅଭିଶପ୍ତ ହୋଇ ବ୍ୟବସ୍ଥାର ଅଭିଶାପରୁ ମୂଲ୍ୟ ଦେଇ ଆମ୍ଭମାନଙ୍କୁ ମୁକ୍ତ କଲେ; କାରଣ ଲେଖା ଅଛି, ଯେକେହି ଖୁଣ୍ଟରେ ଟଙ୍ଗାଯାଏ, ସେ ଅଭିଶପ୍ତ'' (ଗାଲାତୀ ୩: ୧୩-୧୪)

## ଭୟ କରନ୍ତୁ ନାହିଁ

କାଳେ ''ଅନ୍ୟ'' କୌଣସି ଆତ୍ମା ପାଇଯିବେ ବୋଲି ଭୟ କରନ୍ତୁ ନାହିଁ । ଯେତେବେଳେ ଆପଣ ପବିତ୍ର ଆତ୍ମାରେ ଆପଣଙ୍କୁ ବାପ୍ତିଜିତ କରିବା ପାଇଁ ପ୍ରଭୁ ଯୀଶୁଙ୍କଠାରେ ପ୍ରାର୍ଥନା କରିବେ ଆପଣ ତାହାଙ୍କ ବାପ୍ତିସ୍ମ ଲାଭ କରିବେ । ଏହାହିଁ ପ୍ରଭୁ ଯୀଶୁ କହନ୍ତି । *''ଆଉ, ତୁମ୍ଭମାନଙ୍କ ମଧ୍ୟରେ ଏପରି ପିତା କିଏ ଅଛି, ଯାହାକୁ ତାହାର ପୁଅ ମାଛ ମାଗିଲେ ସେ ତାହାକୁ ମାଛ ବଦଳରେ ସାପ ଦେବ? କିମ୍ବା ଅଣ୍ଡା ମାଗିଲେ ସେ ତାହାକୁ ବିଛା ଦେବ? ଏଣୁ ତୁମ୍ଭେମାନେ ଦୁଷ୍ଟ ହେଲେ ସୁଦ୍ଧା ଯେବେ ଆପଣା ଆପଣା ପିଲାମାନଙ୍କୁ ଉତ୍ତମ ଉତ୍ତମ ଦାନ ଦେଇ ଜାଣ, ତେବେ ଯେଉଁ ପିତା ସ୍ୱର୍ଗରୁ ଦାନ କରନ୍ତି, ସେ ତାହାଙ୍କ ଛାମୁରେ ମାଗିବା ଲୋକମାନଙ୍କୁ କେତେ ଅଧିକରୂପେ ପବିତ୍ର ଆତ୍ମା ଦେବେ''* (ଲୂକ ୧୧:୧୧-୧୩) ।

## ଆରାମ କରନ୍ତୁ, ଆପଣ ଈଶ୍ୱରଙ୍କୁ କିଛି କରିବା ପାଇଁ ମନାଇବାକୁ ଚେଷ୍ଟା କରୁ ନାହାନ୍ତି

ଆପଣ ପବିତ୍ର ଆତ୍ମାଙ୍କ ଦାନ ଗ୍ରହଣ କରିବା ପାଇଁ ଈଶ୍ୱରଙ୍କୁ ବିନତି କରିବା, ତାଙ୍କ ହସ୍ତକୁ ମୋଡ଼ିବା, ଘଣ୍ଟା ଘଣ୍ଟା ଅପେକ୍ଷା କରିବା, ବିନୟ କରିବା, କ୍ରନ୍ଦନ କରିବା, ଲୁହ ଗଡ଼ାଇ ଚିତ୍କାର କରି କାନ୍ଦିବା ଅନାବଶ୍ୟକ । ଈଶ୍ୱର ତାଙ୍କ ପ୍ରତିଜ୍ଞାକୁ ଆପଣଙ୍କ ଜୀବନରେ ପୂରଣ କରିବାକୁ ପ୍ରସ୍ତୁତ । କେବଳ ମାଗନ୍ତୁ ଓ ବିଶ୍ୱାସରେ ଗ୍ରହଣ କରନ୍ତୁ ! ତେବେ ଆପଣଙ୍କଠାରେ ଏକ ଆନ୍ତରିକ ଇଚ୍ଛା ରହିଥିବା ଆବଶ୍ୟକ, ଯେପରି ଯୀଶୁ ମାର୍କ ୧୧:୨୪ରେ କହନ୍ତି । *''ଅତଏବ, ମୁଁ ତୁମ୍ଭମାନଙ୍କୁ କହୁଅଛି, ତୁମ୍ଭେମାନେ ଯାହା ଯାହା ପ୍ରାର୍ଥନା କର ଓ ମାଗ, ସେସବୁ ପାଇଅଛ ବୋଲି ବିଶ୍ୱାସ କର, ସେଥିରେ ସେହିସବୁ ପାଇବ ।''* କିଛି ସମୟ ପରେ, ଆପଣ ଯେତେବେଳେ ପ୍ରାର୍ଥନା କରିବେ, ବିଶ୍ୱାସ କରନ୍ତୁ ଯେ ଆପଣ ଯାହା ମାଗିବେ ସେହି ମୁହୂର୍ତ୍ତରେ ହିଁ ଆପଣ ତାହା ପ୍ରାପ୍ତ ହେବେ ।

## ପବିତ୍ର ଆତ୍ମା ଭାଷା ଦେବେ, କିନ୍ତୁ ଆପଣ ତାହା କହିବାକୁ ହେବ

''ସେଥିରେ ସମସ୍ତେ ପବିତ୍ର ଆତ୍ମାରେ ପରିପୂର୍ଣ୍ଣ ହେଲେ, ପୁଣି, ଆତ୍ମା ସେମାନଙ୍କୁ ଯେପରି କହିବାକୁ ଶକ୍ତି ଦେଲେ, ତଦନୁସାରେ ସେମାନେ ଅନ୍ୟାନ୍ୟ ଭାଷାରେ କଥା କହିବାକୁ ଲାଗିଲେ'' (ପ୍ରେରିତ ୨:୪)

ନିମ୍ନରେ ଦିଆଯାଇଥିବା ଆଦର୍ଶ ପ୍ରାର୍ଥନା ଅନୁସାରେ ପ୍ରାର୍ଥନା କରନ୍ତୁ । ମୁଖ ଖୋଲନ୍ତୁ ଓ ଯାହା ନିର୍ଗତ ହେଉଛି ତାହା କହି ଚାଲନ୍ତୁ । ଆପଣଙ୍କର ନିଜର ସ୍ୱର ଓ ସ୍ୱର ଯନ୍ତ୍ର କାର୍ଯ୍ୟ କରିବ । ପବିତ୍ର ଆତ୍ମା କହିବେ ନାହିଁ । ଆପଣ ହିଁ କହିବାକୁ ହେବ । ସେ ଆପଣଙ୍କୁ ଏକ ଭାଷା ଦେବେ ।

## ଭାଷା ଶବ୍ଦଯୁକ୍ତ ହୋଇଥାଏ

ମନେ ରଖନ୍ତୁ ଯେ କୌଣସି ଭାଷାରେ କହିବାର ଅର୍ଥ ଶବ୍ଦ ଯୋଗେ ତାକୁ ପ୍ରକାଶ କରିବା । ଯଦି ଏହି ଶବ୍ଦସବୁକୁ ବୁଝି ହେଉଛି ଓ ଏହାର ଏକ ଅନୁକ୍ରମ ରହିଛି ତେବେ ଏହି ଭାଷାର ଅର୍ଥକୁ ଅନ୍ୟମାନେ ବୁଝିପାରନ୍ତି । ପରଭାଷାରେ ଆମେ ମନୁଷ୍ୟମାନଙ୍କର ଅବା ଦୂତମାନଙ୍କର ଭାଷାରେ କଥା କହିଥାଉ । ତେଣୁ ପବିତ୍ର ଆତ୍ମା ଏକ ଭାଷା ଦେଇଥାନ୍ତି (ଶବ୍ଦଗୁଡ଼ିକୁ ସୂଚେଇ ଦିଅନ୍ତି ବା ଅନୁପ୍ରାଣିତ କରନ୍ତି) ଏବଂ ଆପଣ ଆପଣଙ୍କର ସ୍ୱର ଯନ୍ତ୍ରକୁ ବ୍ୟବହାର କରି ଶବ୍ଦ ଉଚ୍ଚାରଣ କରି ତାକୁ ବ୍ୟକ୍ତ କରିବାକୁ

ହେବ । ଅଜଣା ଭାଷାରେ ଉଚ୍ଚାରିତ ହେଉଥିବା ଶବ୍ଦଗୁଡ଼ିକୁ ଆପଣଙ୍କର ମନ ବୁଝିପାରିବ ନାହିଁ । ଆପଣ ପ୍ରଥମେ ମନେ କରିବେ ଯେ ଆପଣ କିଛି ବିଚିତ୍ର ଶବ୍ଦ ଉଚ୍ଚାରଣ କରୁଛନ୍ତି । ଏହିସବୁ ଶବ୍ଦ (ଉଚ୍ଚାରଣ) ଏକ ଅଜଣା ଭାଷା । ଆଗକୁ ଯାଆନ୍ତୁ ଓ ସ୍ୱର ଉଠାଇ କହନ୍ତୁ । ବିଶ୍ୱାସରେ ଆଗେଇଗଲେ ଆହୁରି ଅଧିକ ଶବ୍ଦ ନିର୍ଗତ ହେବ ।

## ଥରକେ ଗୋଟିଏ ଭାଷା

ମନେ ରଖନ୍ତୁ ଯେ ଆପଣ ଥରେ ଦୁଇଟି ଭାଷା କହିପାରିବେ ନାହିଁ । ତେଣୁ ନିଜେ ଜାଣିଥିବା ଭାଷାସବୁରେ କହିବାକୁ ଚେଷ୍ଟା ନ କରନ୍ତୁ । ସେତେବେଳେ ''ପ୍ରଭୁଙ୍କ ପ୍ରଶଂସା ହେଉ'' ବା ''ହାଲ୍ଲେଲୁୟା'' ମଧ୍ୟ ଶୀଘ୍ର ପୁନରାବୃତ୍ତି କରି କହନ୍ତୁ ନାହିଁ । ସେପରି କରିବା ଅନାବଶ୍ୟକ । ଏହାଦ୍ୱାରା ଆତ୍ମା ଯେଉଁ ଭାଷା ଖଲାସ କରିବାକୁ ଚାହୁଁଥିବେ ସେଥିରେ ବାଧା ଜନ୍ମିବ । ତା'ପରିବର୍ତ୍ତେ, ଏହି ପ୍ରାର୍ଥନା କଲାପରେ, ବିଶ୍ୱାସର ପଦକ୍ଷେପ ନିଅନ୍ତୁ ଓ ନୂତନ ଭାଷାସବୁରେ କଥା ହୁଅନ୍ତୁ । ଯୀଶୁ କହିଲେ ଆପଣ ନୂତନ ନୂତନ ଭାଷାରେ କଥା କହିବେ, ଏଣୁ ଆପଣ କହି ପାରିବେ ।

## ଈଶ୍ୱର ଆତ୍ମାଙ୍କ ଭାବକୁ ଜାଣନ୍ତି (ସବୁଭାଷାରେ)

ଈଶ୍ୱର ଆପଣଙ୍କ ହୃଦୟକୁ ଦେଖନ୍ତି, ପବିତ୍ର ଆତ୍ମା ଆପଣଙ୍କ ଦ୍ୱାରା କ'ଣ ପ୍ରକାଶ କରୁଛନ୍ତି ତାକୁ ସେ ଜାଣନ୍ତି ।

''ପୁଣି, ଯେ ଆମ୍ଭମାନଙ୍କ ହୃଦୟ ଅନୁସନ୍ଧାନ କରନ୍ତି, ସେ ଆତ୍ମାଙ୍କ ଭାବ କଅଣ, ତାହା ଜାଣନ୍ତି, କାରଣ ସେ ଈଶ୍ୱରଙ୍କ ଇଚ୍ଛାନୁସାରେ ସାଧୁମାନଙ୍କ ନିମନ୍ତେ ନିବେଦନ କରନ୍ତି'' (ରୋମୀ ୮:୨୭)

ଆପଣ କ'ଣସବୁ କହି ଚାଲିଛନ୍ତି ତାହା ଆପଣଙ୍କର ଦୁର୍ବୋଧ ବୋଲି ବ୍ୟସ୍ତ ହୁଅନ୍ତୁ ନାହିଁ । ପ୍ରେରିତ ପାଉଲ କହନ୍ତି ଯେ ଆମେ ଆତ୍ମାରେ ପ୍ରାର୍ଥନା କଲେ, ଆମର ମାନବୀୟ ଆତ୍ମା ପବିତ୍ର ଆତ୍ମାଙ୍କ ଦ୍ୱାରା ଶକ୍ତିଯୁକ୍ତ ହୋଇ ପ୍ରାର୍ଥନା କରେ ଯାହା ଆମେ ବୁଝିପାରି ନ ଥାଉ । *''କାରଣ ମୁଁ ଯଦି ପରଭାଷାରେ ପ୍ରାର୍ଥନା କରେ, ତେବେ ମୋହର ଆତ୍ମା ପ୍ରାର୍ଥନା କରେ, କିନ୍ତୁ ମୋହର ବୁଦ୍ଧି ଫଳହୀନ ହୁଏ''* (୧ କରିନ୍ଥୀ ୧୪:୧୪) । ପବିତ୍ର ଆତ୍ମା ଆପଣଙ୍କ ଦ୍ୱାରା ଯାହା ପ୍ରକାଶ କରୁଛନ୍ତି ତାହା ଈଶ୍ୱର ଜାଣନ୍ତି ଏବଂ ଏହାହିଁ ଗୁରୁତ୍ୱପୂର୍ଣ୍ଣ ବିଷୟ ।

**ପ୍ରାର୍ଥନା**

ଏଠାରେ ଏକ ସରଳ ପ୍ରାର୍ଥନା ଦିଆଯାଇଛି ଯାହା ଆପଣଙ୍କୁ ପବିତ୍ର ଆତ୍ମାରେ ବାପ୍ତିଜିତ ହେବାରେ ସାହାଯ୍ୟ କରିବ । ଏହାପରେ ବିଶ୍ୱାସର ପଦକ୍ଷେପ ନିଅନ୍ତୁ ଓ ପବିତ୍ର ଆତ୍ମା ଆପଣଙ୍କୁ ଯେଉଁ ଭାଷା ଦେବେ ସେହି ଭାଷାରେ କହନ୍ତୁ ।

*ପ୍ରିୟ ପ୍ରଭୁ ଯୀଶୁ, ମୁଁ ତୁମଠାରେ ବିଶ୍ୱାସ କରେ । ପ୍ରାର୍ଥନା କରୁଛି, ମୋତେ ତୁମେ ପବିତ୍ର ଆତ୍ମାରେ ବାପ୍ତିଜିତ କର, ଯେପରି କି ମୁଁ ତୁମର ଜଣେ ସାକ୍ଷୀ ହେବା ନିମନ୍ତେ ଶକ୍ତିପ୍ରାପ୍ତ ହେବି । ସ୍ୱର୍ଗସ୍ଥ ପିତା, ମୋ ଉପରେ ତୁମର ଆତ୍ମାଙ୍କୁ ଢାଳିଦିଅ ବୋଲି ଯୀଶୁଙ୍କ ନାମରେ ମୁଁ ମାଗୁଛି, କାରଣ ଶେଷ କାଳରେ ତୁମର ଆତ୍ମାଙ୍କୁ ଢାଳିବ ବୋଲି ତୁମେ ପ୍ରତିଜ୍ଞା କରିଛ । ମୁଁ ଏବେ ବିଶ୍ୱାସରେ ତୁମର ପବିତ୍ର ଆତ୍ମାଙ୍କର ବୃଷ୍ଟିକୁ ଓ ତାଙ୍କର ସମସ୍ତ ଦାନକୁ ଗ୍ରହଣ କରୁଛି । ପବିତ୍ର ଆତ୍ମା ମୋ' ଉପରେ ଅଧିଷ୍ଠାନ କରୁଛନ୍ତି ଏବଂ ତାଙ୍କର ସମସ୍ତ ଦାନ ମଧ୍ୟ ମୋଠାରେ ଅବସ୍ଥାନ କରୁଛି । ପ୍ରଭୁ ଯୀଶୁ ଧନ୍ୟ ତୁମେ । ମୁଁ ଜଣେ ବିଶ୍ୱାସୀ ହୋଇଥିବାରୁ ଆତ୍ମା ମୋତେ ଯେପରି ସାମର୍ଥ୍ୟ ଦେଇଛନ୍ତି ତଦନୁସାରେ ମୁଁ ଏବେ ନୂତନ ଭାଷାରେ କଥା କହୁଛି । ମୁଁ ଆଶା କରୁଛି ଆତ୍ମାଙ୍କର ସମସ୍ତ ଦାନ ମୋର ଜୀବନ ଦେଇ ପ୍ରବାହିତ ହେବ । ଧନ୍ୟବାଦ ପ୍ରଭୁ ଯୀଶୁ । ପବିତ୍ର ଆତ୍ମା ତୁମକୁ ମୁଁ ସ୍ୱାଗତ କରୁଛି !*

ପବିତ୍ର ଆତ୍ମାଙ୍କର ବାପ୍ତିସ୍ମ ପାଇଥିବାରୁ ଆପଣ ଯେପରି ପବିତ୍ର ଆତ୍ମାଙ୍କର ଦାନସକଳ ବିଷୟରେ ଅଧିକ ବିଷୟ ଶିକ୍ଷା କରନ୍ତି ଏବଂ ସମସ୍ତ ଦାନର ପରିପ୍ରକାଶ ନିମନ୍ତେ ଆତ୍ମାଙ୍କ ନିକଟରେ ନିଜକୁ କିପରି ସମର୍ପଣ କରିବେ, ତାହା ଶିକ୍ଷା କରନ୍ତି ଏଥିପାଇଁ ଆମେ ଆପଣଙ୍କୁ ଉତ୍ସାହିତ କରୁ । ଏହିସମସ୍ତ ଆତ୍ମିକ ଦାନ ଦ୍ୱାରା ଆପଣ ଲୋକମାନଙ୍କ ନିକଟରେ ସେବାକାର୍ଯ୍ୟ କରିପାରିବେ । ଆପଣ ଜଣେ ଶକ୍ତିଶାଳୀ ସାକ୍ଷୀ ହୋଇପାରିବେ । ଯୀଶୁ ଖ୍ରୀଷ୍ଟ ଗୌରବାନ୍ୱିତ ହେବେ !

# ୫

# ପବିତ୍ର ଆତ୍ମାରେ ପୂର୍ଣ୍ଣ ହେବା, ଅଭିଷିକ୍ତ ହେବା ଓ ଆଚରଣ କରିବା

ବିଶ୍ୱାସୀର ଜୀବନରେ ପବିତ୍ର ଆତ୍ମା କିପରି କାର୍ଯ୍ୟ କରିଥାନ୍ତି ସେ ସମ୍ପର୍କରେ ନୂତନ ନିୟମରେ ଅନେକ ଶବ୍ଦ ବା ଅଭିବ୍ୟକ୍ତି ରହିଛି । ଏଠାରେ ଆମେ ସେଗୁଡ଼ିକ ବିଷୟରେ ଚୁମ୍ବକରେ କହିବାକୁ ଚାହୁଁ ଯେପରି କି ଆପଣମାନେ ଆମେ ବ୍ୟବହାର କରୁଥିବା ଶବ୍ଦାବଳୀକୁ ସ୍ୱଷ୍ଟ ଭାବରେ ବୁଝି ପାରିବେ । ତେବେ ମନେ ରଖନ୍ତୁ ଯେ ଏଠାରେ ଯାହା କୁହାଯାଇଛି ତାହା ସବିଶେଷ ବ୍ୟାଖ୍ୟା ନୁହେଁ । ଅନ୍ୟ ଏକ ପୁସ୍ତକରେ ଏହାକୁ ପ୍ରାଞ୍ଜଳ ଭାବେ ବୁଝାଇ ଦିଆଯାଇଛି ।

ଉପର କୋଠରୀରେ ୧୨୦ ଜଣ ଶିଷ୍ୟ ଯେଉଁ ଅନୁଭବ ଲାଭ କରିଥିଲେ ତାକୁ ପବିତ୍ର ଆତ୍ମାରେ **ବାପ୍ତିସ୍ମ** କୁହାଯାଇଛି (ପ୍ରେରିତ ୧:୫) । ଆମେ ଦେଖୁ ଯେ ସେ ସମସ୍ତେ ପବିତ୍ର ଆତ୍ମାରେ **ପରିପୂର୍ଣ୍ଣ** ହୋଇଥିଲେ (ପ୍ରେରିତ ୨:୪) । ଶମିରୋଣରେ ପ୍ରେରିତମାନେ ପ୍ରାର୍ଥନା କଲେ ଯେପରିକି ପବିତ୍ର ଆତ୍ମା ବିଶ୍ୱାସୀ ଲୋକମାନଙ୍କ ଉପରେ **''ଅବତରଣ''** କରନ୍ତି ଏବଂ ସେମାନେ ପବିତ୍ର ଆତ୍ମାଙ୍କୁ ''ଗ୍ରହଣ କଲେ'' ବା ପ୍ରାପ୍ତ ହେଲେ (ପ୍ରେରିତ ୮: ୧୬-୧୭) । ସେହିପରି ଆମେ ଜାଣୁ ଯେ କର୍ଣ୍ଣୀଲିୟଙ୍କ ଗୃହରେ ପିତର ପ୍ରଚାର କରୁଥିବା ସମୟରେ ସେଠାରେ ଏକତ୍ରିତ ହୋଇଥିବା ଲୋକମାନେ ପବିତ୍ର ଆତ୍ମାରେ **ବାପ୍ତିଜିତ** ହୋଇଥିଲେ (ପ୍ରେରିତ ୧୧: ୧୫-୧୭) । ପବିତ୍ର ଆତ୍ମା ସେମାନଙ୍କ ଉପରେ **''ଅବତରଣ''** କଲେ ଏବଂ **''ବୃଷ୍ଟି''** କରାଗଲେ (ପ୍ରେରିତ ୧୦: ୪୪-୪୫) । ତେଣୁ ବିଶ୍ୱାସୀମାନେ ଯେତେବେଳେ ପବିତ୍ର ଆତ୍ମାରେ ବାପ୍ତିଜିତ ହୁଅନ୍ତି, ସେତେବେଳେ ସେମାନେ ମଧ୍ୟ ପବିତ୍ର ଆତ୍ମାରେ ପରିପୂର୍ଣ୍ଣ ହୁଅନ୍ତି, ଆତ୍ମା ସେମାନଙ୍କ ଉପରେ ଅବତରଣ କରନ୍ତି ଓ ସେମାନେ ଆତ୍ମାଙ୍କ ବୃଷ୍ଟି ଲାଭ କରନ୍ତି ।

ଯେତେବେଳେ ଜଣେ ବିଶ୍ୱାସୀ ପବିତ୍ର ଆତ୍ମାରେ ବାପ୍ତିଜିତ ହୁଏ ତା' ପ୍ରତି ଯାହାସବୁ ଘଟିଥାଏ ସେତେବେଳେ ଏହି ସମସ୍ତ ଶବ୍ଦାବଳୀ ଠିକ୍ ଅଟେ ।

## ବାପ୍ତିସ୍ମ ଥରେ, ପରିପୂର୍ଣ୍ଣ ହେବା ଅନେକଥର

ପ୍ରେରିତ ପୁସ୍ତକରେ ଆମେ ଦେଖୁ ଯେ ଯେଉଁ ବିଶ୍ୱାସୀମାନେ ପବିତ୍ର ଆତ୍ମାରେ ବାପ୍ତିଜିତ ହୋଇଥିଲେ ସେମାନେ ବାରମ୍ବାର ଆତ୍ମାରେ **ପରିପୂର୍ଣ୍ଣ** ହେଉଥିଲେ ବା **ପରିପୂର୍ଣ୍ଣ** ଥିଲେ ।

''ସେଥିରେ ପିତର ପବିତ୍ର ଆତ୍ମାରେ ପୂର୍ଣ୍ଣ ହୋଇ ସେମାନଙ୍କୁ କହିଲେ, ହେ ଲୋକମାନଙ୍କର ଅଧ୍ୟକ୍ଷ ଓ ପ୍ରାଚୀନମାନେ''(ପ୍ରେରିତ ୪:୮) ।

''ସେମାନେ ପ୍ରାର୍ଥନା କଲା ଉତ୍ତାରେ, ଯେଉଁ ସ୍ଥାନରେ ଏକତ୍ର ହୋଇଥିଲେ, ତାହା କମ୍ପି ଉଠିଲା, ପୁଣି ସମସ୍ତେ ପବିତ୍ର ଆତ୍ମାରେ ପରିପୂର୍ଣ୍ଣ ହୋଇ ସାହସରେ ଈଶ୍ୱରଙ୍କ ବାକ୍ୟ କହିବାକୁ ଲାଗିଲେ'' (ପ୍ରେରିତ ୪:୩୧) ।

''ଅତଏବ ହେ ଭାଇମାନେ, ଯେଉଁମାନଙ୍କୁ ଆମ୍ଭେମାନେ ଏହି କାର୍ଯ୍ୟରେ ନିଯୁକ୍ତ କରି ପାରୁ, ଏପରି ସୁଖ୍ୟାତିସମ୍ପନ୍ନ ଏବଂ ଆତ୍ମା ଓ ଜ୍ଞାନରେ ପରିପୂର୍ଣ୍ଣ ସାତ ଜଣଙ୍କୁ ଆପଣମାନଙ୍କ ମଧ୍ୟରୁ ବାଛି ସ୍ଥିର କରନ୍ତୁ'' (ପ୍ରେରିତ ୬:୩) ।

''ଏହି କଥା ସମସ୍ତ ସମ୍ପ୍ରଦାୟର ଦୃଷ୍ଟିରେ ଉତ୍ତମ ଦେଖାଗଲା, ଆଉ ସେମାନେ ବିଶ୍ୱାସ ଓ ପବିତ୍ରଆତ୍ମାରେ ପରିପୂର୍ଣ୍ଣ ସ୍ତିଫାନ ନାମକ ଜଣେ ବ୍ୟକ୍ତିଙ୍କି, ପୁଣି ଫିଲିପ୍ପ, ପ୍ରଖର, ନୀକାନୋର, ତୀମୋନ, ପାର୍ମନା ଓ ଆନ୍ତିୟଖିଆର ଯିହୂଦୀମତାବଲମ୍ବୀ ନୀକଲାୟଙ୍କୁ ମନୋନୀତ କଲେ'' (ପ୍ରେରିତ ୬: ୫) ।

''କିନ୍ତୁ ସେ ପବିତ୍ର ଆତ୍ମାରେ ପୂର୍ଣ୍ଣ ହୋଇ ସ୍ୱର୍ଗ ପ୍ରତି ସ୍ଥିର ଦୃଷ୍ଟିରେ ଚାହିଁଲେ, ଆଉ ଈଶ୍ୱରଙ୍କ ମହିମା ଓ ଯୀଶୁଙ୍କୁ ଈଶ୍ୱରଙ୍କ ଦକ୍ଷିଣ ପାର୍ଶ୍ୱରେ ଠିଆ ହୋଇଥିବା ଦେଖି କହିଲେ'' (ପ୍ରେରିତ ୭: ୫୫) ।

''କାରଣ ସେ ଜଣେ ଉତ୍ତମ ବ୍ୟକ୍ତି, ପୁଣି ପବିତ୍ରଆତ୍ମା ଓ ବିଶ୍ୱାସରେ ପରିପୂର୍ଣ୍ଣ ଥିଲେ । ଏହି ପ୍ରକାରେ ଅନେକ ଅନେକ ଲୋକ ପ୍ରଭୁଙ୍କଠାରେ ସଂଯୁକ୍ତ ହେଲେ'' (ପ୍ରେରିତ ୧୧:୨୪) ।

''ମାତ୍ର ଶାଉଲ, ଯାହାଙ୍କୁ ପାଉଲ ମଧ୍ୟ କହନ୍ତି, ପବିତ୍ର ଆତ୍ମାରେ ପୂର୍ଣ୍ଣ ହୋଇ ତାଙ୍କୁ ନିରୀକ୍ଷଣ କରି କହିଲେ'' (ପ୍ରେରିତ ୧୩:୯) ।

''ଆଉ ଶିଷ୍ୟମାନେ ଆନନ୍ଦରେ ଓ ପବିତ୍ର ଆତ୍ମାରେ ପୂର୍ଣ୍ଣ ହେବାକୁ ଲାଗିଲେ'' (ପ୍ରେରିତ ୧୩:୫୨) ।

ପ୍ରେରିତ ପାଉଲ ଆତ୍ମାରେ ବାପ୍ତିଜିତ (ବା ଆତ୍ମାରେ ପୂର୍ଣ୍ଣ) ବିଶ୍ୱାସୀମାନଙ୍କ ନିକଟକୁ ଲେଖିଥିବା ପତ୍ରରେ ପରାମର୍ଶ ଦିଅନ୍ତି ଯେପରି ସେମାନେ ପବିତ୍ର ଆତ୍ମାରେ ପୂର୍ଣ୍ଣ ହୁଅନ୍ତି, ଆତ୍ମାରେ ଆଚରଣ କରନ୍ତି ଓ ଆତ୍ମାରେ ଜୀବନ ଯାପନ କରନ୍ତି ।

''ଆଉ ଦ୍ରାକ୍ଷାରସରେ ମତ୍ତ ନ ହୁଅ, ସେଥିରୁ ତ ଅତ୍ୟାଚାର ଜନ୍ମେ, ମାତ୍ର ଆତ୍ମାରେ ପୂର୍ଣ୍ଣ ହୋଇ ଗୀତ, ସ୍ତୋତ୍ର ଓ ଆଧାତ୍ମିକ ସଂକୀର୍ତ୍ତନ ଦ୍ୱାରା ପରସ୍ପରକୁ ଉତ୍ସାହ ଦିଅ, ପୁଣି ତୁମ୍ଭମାନଙ୍କ ହୃଦୟରେ ଈଶ୍ୱରଙ୍କ ଉଦ୍ଦେଶ୍ୟରେ ସଂକୀର୍ତ୍ତନ ଓ ଗୀତ ଗାନ କର, ସର୍ବଦା ସର୍ବ ବିଷୟ ନିମନ୍ତେ ଆମ୍ଭମାନଙ୍କ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ନାମରେ ପିତା ଈଶ୍ୱରଙ୍କୁ ଧନ୍ୟବାଦ ଦିଅ, ଆଉ ଖ୍ରୀଷ୍ଟଙ୍କୁ ଭୟ କରି ପରସ୍ପର ବଶୀଭୂତ ହୁଅ'' (ଏଫିସୀ ୫: ୧୮-୨୧)

''ମୋହର ଭାବ ଏହି, ଆତ୍ମାଙ୍କ ଦ୍ୱାରା ଆଚରଣ କର, ତାହାହେଲେ ତୁମେମାନେ ଶରୀରର ଅଭିଳାଷ ପୂର୍ଣ୍ଣ କରିବ ନାହିଁ । କିନ୍ତୁ ଆତ୍ମାଙ୍କ ଫଳ ପ୍ରେମ, ଆନନ୍ଦ, ଶାନ୍ତି, ଦୀର୍ଘ ସହିଷ୍ଣୁତା, ପରୋପକାରିତା, ଭଦ୍ରତା, ବିଶ୍ୱସ୍ତତା, ମୃଦୁତା ଓ ଆତ୍ମସଂଯମ; ଏହି ସମସ୍ତ ବିରୁଦ୍ଧରେ କୌଣସି ବ୍ୟବସ୍ଥା ନାହିଁ । ଯେଉଁମାନେ ଖ୍ରୀଷ୍ଟ ଯୀଶୁଙ୍କର, ସେମାନେ ଶରୀରକୁ ସେଥିର କାମନା ଓ ଅଭିଳାଷ ସହିତ କ୍ରୁଶରେ ହତ କରିଅଛନ୍ତି । ଯଦି ଆମ୍ଭେମାନେ ଆତ୍ମାଙ୍କ ଦ୍ୱାରା ଜୀବନ ପ୍ରାପ୍ତ ହୋଇଅଛୁ, ତେବେ ଆତ୍ମାଙ୍କ ଦ୍ୱାରା ମଧ୍ୟ ଆଚରଣ କରୁ'' (ଗାଲାତୀ ୫: ୧୬, ୨୨-୨୫)

ଆମେମାନେ ଯେତେବେଳେ ପବିତ୍ର ଆତ୍ମାରେ **ବାପ୍ତିଜିତ** ହେଉ, ଆମେମାନେ ସେହି ମୁହୂର୍ତ୍ତରେ **ପରିପୂର୍ଣ୍ଣ** ଓ **ଅଭିଷେକ ପ୍ରାପ୍ତ** ହୋଇଥାଉ । ଆତ୍ମାରେ ପୂର୍ଣ୍ଣ ହେବା ପବିତ୍ର ଆତ୍ମାଙ୍କର ବିଶ୍ୱାସୀ ମଧ୍ୟରେ ସାଧିତ ଏକ କାର୍ଯ୍ୟ ଯାହା ଆମର ଜୀବନଯାପନକୁ ପ୍ରଭାବିତ କରିଥାଏ । ଏହା ଆମର ଆଚରଣ ଓ ଆମର ଚାଲିବା ସଙ୍ଗେ ସମ୍ପର୍କିତ । ଅଭିଷିକ୍ତ ହେବା ପ୍ରକାଶ କରିଥାଏ ଯେ ପବିତ୍ର ଆତ୍ମା ଆମମାନଙ୍କ ସେବାକାର୍ଯ୍ୟ ନିମନ୍ତେ ଆମମାନଙ୍କୁ ଶକ୍ତିଯୁକ୍ତ କରିଥାନ୍ତି, ଫଳରେ ଆମେ ପ୍ରଭାବଶାଳୀ ଭାବରେ କାର୍ଯ୍ୟ କରିଥାଉ । ତେଣୁ ପବିତ୍ର ଆତ୍ମାରେ ବାପ୍ତିସ୍ମ ଦ୍ୱାରା ଆମେ ପରିପୂର୍ଣ୍ଣ ଓ ଅଭିଷିକ୍ତ ହୋଇଥାଉ । ବାପ୍ତିଜିତ

ହେବାର ଅର୍ଥ ପରିପୂର୍ଣ୍ଣ ହେବା ଓ ଅଭିଷିକ୍ତ ହେବା । ତଥାପି ଆମେ ଦେଖୁ ଯେ ଏହି ଉଭୟ ବିଷୟକୁ ''**ସକ୍ରିୟ**'' ରଖିବାକୁ ହେବ ।

## ଆତ୍ମାରେ ପରିପୂର୍ଣ୍ଣ ହେବା, ଚାଲିବା ଓ ଜୀବନଯାପନ କରିବା

ଉପରୋକ୍ତ ଶାସ୍ତ୍ରାଂଶସମୂହରେ ଆମେ ଦେଖୁ ଆମେ ପବିତ୍ର ଆତ୍ମାରେ ବାପ୍ତିଜିତ ହୋଇ ଆତ୍ମାରେ ପରିପୂର୍ଣ୍ଣ ହୋଇଥିଲେ ସୁଦ୍ଧା ଆମକୁ ସବୁବେଳେ ଆତ୍ମାରେ ପରିପୂର୍ଣ୍ଣ ହୋଇ ରହିବା ଆବଶ୍ୟକ । ଆମେ ବାରମ୍ବାର ସବୁବେଳେ ପରିପୂର୍ଣ୍ଣ ହେବାର ଆବଶ୍ୟକତା ରହିଛି । କାରଣ ଶରୀରର ଅଭିଳାଷ ଆତ୍ମାଙ୍କ ପ୍ରତିକୂଳ, ଆଉ ଆତ୍ମାଙ୍କ ଅଭିଳାଷ ଶରୀରର ପ୍ରତିକୂଳ, ଯେଣୁ ଏହି ଦୁଇ ସର୍ବଦା ପରସ୍ପରର ବିପରୀତ (ଗାଲାତୀ ୫:୧୭) । ଯଦି ମୁଁ ଶରୀରକୁ ଗୁରୁତ୍ୱ ଦିଏ, ତେବେ ମୁଁ ଆତ୍ମାରେ ''କମ୍ ପରିପୂର୍ଣ୍ଣ'' ଅର୍ଥାତ୍ ମୋ ଉପରେ 'ଆତ୍ମାଙ୍କର' ପ୍ରଭାବ ହ୍ରାସ ପାଇଛି ବା କମି ଯାଉଛି । କିନ୍ତୁ ମୁଁ ଯଦି ଆତ୍ମାରେ ପରିପୂର୍ଣ୍ଣ ରହିବି, ତେବେ ଶରୀରକୁ ବଶୀଭୂତ କରି ରଖାଯାଇ ପାରିବ । ଯେତେବେଳେ ଆମେ ଆତ୍ମାରେ ପୂର୍ଣ୍ଣ ଜୀବନଯାପନ କରୁ, ତା'ହେଲେ ପ୍ରେରିତ ପାଉଲ ଯେପରି କହନ୍ତି ଆମେ ''ଆତ୍ମାରେ ଆଚରଣ କରୁ'' (ଗାଲାତୀ ୫:୧୬) ବା ''ଆତ୍ମାରେ ଜୀବନଯାପନ କରୁ'' (ଗାଲାତୀ ୫:୨୫) । ଆତ୍ମାରେ ପୂର୍ଣ୍ଣ ବ୍ୟକ୍ତି ଜ୍ଞାନରେ, ବିଶ୍ୱାସରେ, ଧନ୍ୟବାଦ ଦେଇ, ପ୍ରଭୁଙ୍କ ଉଦ୍ଦେଶ୍ୟରେ ଗୀତଗାନ କରି, ସମର୍ପିତ ହୋଇ ଜୀବନଯାପନ କରିଥାଏ ଓ **ଆତ୍ମାଙ୍କର ଫଳ ତା' ଜୀବନରେ ଦେଖାଯାଏ** (ଗାଲାତୀ ୫: ୨୨-୨୩) ଏବଂ ସେ ଶରୀରର ଅଭିଳାଷଗୁଡ଼ିକୁ ଜୟ କରିଥାଏ (ଗାଲାତୀ ୫: ୧୬, ୨୪) । ପବିତ୍ର ଆତ୍ମାରେ ପରିପୂର୍ଣ୍ଣ ହେବାକୁ ହେଲେ ଆମେ ଆମ ହୃଦୟକୁ ପରିଷ୍କାର ଓ ମୁକ୍ତ ରଖିବା ଆବଶ୍ୟକ । ନିଜର ପାପ ସ୍ୱୀକାର କରନ୍ତୁ ଓ ତତ୍କାଳ ତାଙ୍କର ବିଶୁଦ୍ଧକରଣ ଲାଭ କରନ୍ତୁ (୧ ଯୋହନ: ୭, ୯) । ଯଦି ନିଜକୁ ଅପମାନିତ ମନେ କରୁଛନ୍ତି ତତ୍‌କ୍ଷଣାତ୍ କ୍ଷମା ପ୍ରଦାନ କରନ୍ତୁ । ଈଶ୍ୱରଙ୍କ ଆତ୍ମାକୁ ଆମନ୍ତ୍ରିତ କରନ୍ତୁ ଯେପରି ସେ ଆପଣଙ୍କୁ ପରିପୂର୍ଣ୍ଣ କରନ୍ତି । ନିଜକୁ ସମ୍ପୂର୍ଣ୍ଣ ଭାବରେ ତାଙ୍କ ନିକଟରେ ସମର୍ପଣ କରନ୍ତୁ । ତାଙ୍କର ସ୍ୱାଗତ କରନ୍ତୁ । ତାଙ୍କ ସଙ୍ଗେ ସହଭାଗିତାରେ ରହନ୍ତୁ । ଏହା ଆମକୁ ''**ସକ୍ରିୟ ଭାବରେ**'' ଆତ୍ମାରେ ପରିପୂର୍ଣ୍ଣ ରହିବାରେ, ଆତ୍ମାରେ ଜୀବନଯାପନ କରିବାରେ ଓ ଆତ୍ମାରେ ଆଚରଣ କରିବାରେ ସାହାଯ୍ୟ କରେ ।

## ଅଭିଷିକ୍ତ

ଯେତେବେଳେ ଆମେ ପବିତ୍ର ଆତ୍ମାରେ ବାପ୍ତିଜିତ ହେଉ ଆମେ ମଧ୍ୟ ତାଙ୍କ ଦ୍ୱାରା ଅଭିଷିକ୍ତ ହେଉ । ଅଭିଷିକ୍ତ ହେବାର ଅର୍ଥ ଆତ୍ମା ଆମ ଉପରେ ଅଧିଷ୍ଠାନ କରନ୍ତି ଓ ଈଶ୍ୱର ଆମ ଦ୍ୱାରା ଯେଉଁ କାର୍ଯ୍ୟ କରିବାକୁ ଚାହାନ୍ତି ସେଥିନିମନ୍ତେ ସେ ଆମକୁ ଶକ୍ତିଯୁକ୍ତ କରନ୍ତି (ଲୂକ ୪: ୧୭-୧୯; ପ୍ରେରିତ ୧୦:୩୮) । ଖ୍ରୀଷ୍ଟଙ୍କଠାରେ ଆମର ସ୍ଥାନ ଦୃଷ୍ଟିରୁ ଆମେ ସର୍ବଦା ଅଭିଷିକ୍ତ ଅଟୁ (୨ କରିନ୍ଥୀ ୧: ୨୧) । ତଥାପି ଯେହେତୁ ଆମେ ସର୍ବଦା ସେବାକାର୍ଯ୍ୟ କରି ନ ଥାଉ, ଏହି ଅଭିଷେକ ସବୁ ସମୟରେ ''ସକ୍ରିୟ'' ରହି ନ ଥାଏ । ଯେତେବେଳେ ପବିତ୍ର ଆତ୍ମା ଆମ ଉପରେ ଚଳପ୍ରଚଳ କରନ୍ତି ଓ ସେ ଆମଦ୍ୱାରା ଯେଉଁ କାର୍ଯ୍ୟ କରିବାକୁ ଚାହାନ୍ତି ତାହା କରିବା ପାଇଁ ଆମକୁ ଶକ୍ତି ପ୍ରଦାନ କରନ୍ତି, ସେସମୟରେ (ଈଶ୍ୱର ଆପଣଙ୍କ ଦ୍ୱାରା ଯେକୌଣସି କାର୍ଯ୍ୟ କରିବାକୁ ଚାହିଁଲେ ସେ ଏକ ଅଭିଷେକ ପ୍ରଦାନ କରନ୍ତି), ଆମେ କହିବା ଯେ ଆମେ ଅଭିଷିକ୍ତ ଅଟୁ (ବା ଅଭିଷେକ ''ସକ୍ରିୟ'' ଅଛି) । ଅଭିଷେକ କହିଲେ ବିଶ୍ୱାସୀ ଦ୍ୱାରା **ପବିତ୍ର ଆତ୍ମାଙ୍କ ଶକ୍ତିର ପରିପ୍ରକାଶ** । ଅନେକ ସମୟରେ ଏଥିପାଇଁ ପବିତ୍ର ଆତ୍ମା ପ୍ରଥମେ ପଦକ୍ଷେପ ନେଇଥାନ୍ତି । ସେ ଆମ ଉପରେ ଚଳପ୍ରଚଳ କରନ୍ତି, ଫଳରେ ଆମେ କାର୍ଯ୍ୟ କରିବା ଆରମ୍ଭ କରୁ । ପବିତ୍ର ଆତ୍ମାଙ୍କର ଦାନସକଳ ଗତିପଥ (ବା ସାଧନ) ସଦୃଶ ଯାହା ଦ୍ୱାରା ପବିତ୍ର ଆତ୍ମାଙ୍କର ଏହି ଅଭିଷେକ (ବା ଶକ୍ତି) ଲୋକମାନଙ୍କ ମଧ୍ୟରେ ସେବାକାର୍ଯ୍ୟ କରିବା ପାଇଁ ପ୍ରକାଶିତ ହୋଇଥାଏ । ବିଭିନ୍ନ ସ୍ତରର ଅଭିଷେକ ରହିଛି । ବେଳେବେଳେ ଆମେ ଅନ୍ୟ ସମୟ ଅପେକ୍ଷା ''ଅଧିକ ଅଭିଷିକ୍ତ'' ହୋଇଥାଉ । **ଯେଉଁ ପରିମାଣରେ ଅଭିଷେକ ଉପସ୍ଥିତ ଓ ସକ୍ରିୟ ଥାଏ ସେହି ଅନୁସାରେ ଶକ୍ତିର ମାତ୍ରା ପ୍ରକାଶିତ ହୋଇଥାଏ ।**

ଆମେମାନେ ନିରବଚ୍ଛିନ୍ନ ଭାବରେ ଆତ୍ମାରେ ପରିପୂର୍ଣ୍ଣ ହେବାକୁ ହେବ । ଆହୁରି ମଧ୍ୟ, ଆମେ ଯେତେବେଳେ ସେବାକାର୍ଯ୍ୟ କରୁ (ଯେଉଁ କାର୍ଯ୍ୟ କରିବା ପାଇଁ ଈଶ୍ୱର ଆମକୁ ଆହ୍ୱାନ କରିଛନ୍ତି) ଅଭିଷେକର ସହ ଅଗ୍ରସର ହେବା ଉଚିତ । ତେଣୁକରି, ଏହି ଦୃଷ୍ଟିରୁ, ପବିତ୍ର ଆତ୍ମାରେ ବାପ୍ତିସ୍ମ ଉଭୟ ପ୍ରାରମ୍ଭିକ ପଦକ୍ଷେପ ଓ ଥରକୁଥର କରାଯାଉଥିବା କାର୍ଯ୍ୟ ଅଟେ । ଆମେମାନେ ଥରେ ମାତ୍ର ପବିତ୍ର ଆତ୍ମାରେ ବାପ୍ତିଜିତ ହୋଇଥାଉ, କିନ୍ତୁ ଅଗଣିତ ଥର ଆତ୍ମାରେ ପରିପୂର୍ଣ୍ଣ ହୋଇଥାଉ ଓ ଆତ୍ମାଙ୍କ ଅଭିଷେକ ଲାଭ କରିଥାଉ ।

## ଅଭିଷେକ ଉପରେ ଓ ଅଭିଷେକ ଅନ୍ତରରେ

**''ଅଭିଷେକ ଉପରେ''** ଓ **''ଅଭିଷେକ ଅନ୍ତରରେ''** ଏହି ଦୁଇଟିକୁ ନେଇ ଦ୍ୱନ୍ଦ୍ୱରେ ପଡ଼ିବା ଅନୁଚିତ । ଅଭିଷେକ ଉପରେ କହିବାର ଅର୍ଥ ପବିତ୍ର ଆତ୍ମା ଆମକୁ ସେବାକାର୍ଯ୍ୟ ନିମନ୍ତେ ଶକ୍ତିଯୁକ୍ତ କରି ଆମ ଉପରେ ଅଧିଷ୍ଠାନ କରନ୍ତି । ଅଭିଷେକ ଅନ୍ତରରେ କହିଲେ ଆତ୍ମା ଆମ ଅନ୍ତରରେ ରହି ଆମ ମଧ୍ୟରେ ତାଙ୍କର ଅନ୍ତର୍ବାସୀ କାର୍ଯ୍ୟ କରନ୍ତି ଓ ଆମକୁ ଖ୍ରୀଷ୍ଟଙ୍କ ସାଦୃଶ୍ୟରେ ପରିବର୍ତ୍ତନ କରନ୍ତି । ୧ ଯୋହନ ୨:୨୦, ୨୭ରେ ଆତ୍ମା ବିଶ୍ୱାସୀର **ଅନ୍ତରରେ** ଯେଉଁ କାର୍ଯ୍ୟ କରନ୍ତି ସେ ବିଷୟରେ କୁହାଯାଏ (ଅର୍ଥାତ୍ ଅଭିଷେକ ଅନ୍ତରରେ) ।

''ଆଉ ତୁମ୍ଭେମାନେ ସେହି ପବିତ୍ର ବ୍ୟକ୍ତିଙ୍କଠାରୁ ଅଭିଷେକ ପାଇଥିବାରୁ ତୁମ୍ଭେ ସମସ୍ତେ ଜ୍ଞାନ ପ୍ରାପ୍ତ ହୋଇଅଛ । କିନ୍ତୁ ତୁମ୍ଭେମାନେ ତାହାଙ୍କଠାରୁ ଯେଉଁ ଅଭିଷେକ ପାଇଅଛ, ତାହା ତୁମ୍ଭମାନଙ୍କଠାରେ ରହିଅଛି, ପୁଣି କେହି ଯେ ତୁମ୍ଭମାନଙ୍କୁ ଶିକ୍ଷା ଦେବ, ଏହା ତୁମ୍ଭମାନଙ୍କର ଆବଶ୍ୟକ ନାହିଁ, ମାତ୍ର ତାହାଙ୍କଠାରୁ ସେହି ଅଭିଷେକ ତୁମ୍ଭମାନଙ୍କୁ ସମସ୍ତ ବିଷୟରେ ଯେଉଁ ଶିକ୍ଷା ଦିଏ, ତାହା ସତ୍ୟ ଅଟେ, ମିଥ୍ୟା ନୁହେଁ; ଏଣୁ ସେହି ଶିକ୍ଷା ଅନୁସାରେ ତାହାଙ୍କଠାରେ ରୁହ'' (୧ ଯୋହନ ୨: ୨୦, ୨୭) ।

# ଅଲ୍ ପିପୁଲ୍ସ ଚର୍ଚ୍ଚ୍‌କୁ ଜାଣନ୍ତୁ

ଏହି ମଣ୍ଡଳୀ ବାଙ୍ଗାଲୁରୁରେ ଅବସ୍ଥିତ । ଏହି ନଗରରେ ଲବଣ ଓ ଆଲୋକ ସ୍ୱରୂପ ହେବା ତଥା ଭାରତ ଓ ଅନ୍ୟାନ୍ୟ ରାଷ୍ଟ୍ର ନିକଟରେ ଏକ ସ୍ୱର ପରି କାର୍ଯ୍ୟ କରିବା ଆମର ଦର୍ଶନ ଅଟେ ।

ଈଶ୍ୱରଙ୍କ ବାକ୍ୟକୁ ସମ୍ପୂର୍ଣ୍ଣରୂପେ, ସାଲିସ୍ ନକରି, ପବିତ୍ର ଆତ୍ମାଙ୍କ ଅଭିଷେକ ଓ ପ୍ରଦର୍ଶନ ଦ୍ୱାରା ଉପସ୍ଥାପିତ କରିବା ପାଇଁ ଆମେ ବଚନବଦ୍ଧ । ଆମେ ବିଶ୍ୱାସ କରୁ ଯେ ଉତ୍ତମ ସଙ୍ଗୀତ, ସୃଜନଶୀଳ ଉପସ୍ଥାପନା, ଜ୍ଞାନଯୁକ୍ତ ତର୍କ, ସମସାମୟିକ ସେବାକାର୍ଯ୍ୟ କୌଶଳ, ସାମ୍ପ୍ରତିକ ବୈଷୟିକ କୌଶଳ ଇତ୍ୟାଦି ଦ୍ୱାରା ବାକ୍ୟ ପ୍ରଚାର କଲେ ମଧ୍ୟ ତାହା ଈଶ୍ୱରଙ୍କ ଅନୁମୋଦିତ ବାକ୍ୟ ପ୍ରଚାରର ସ୍ଥାନ ନେଇ ନପାରେ ଅର୍ଥାତ୍ ପବିତ୍ର ଆତ୍ମାଙ୍କ ଶକ୍ତିରେ ଅନୁବର୍ତ୍ତୀ ବିଭିନ୍ନ ଚିହ୍ନ, ଆଶ୍ଚର୍ଯ୍ୟ ବିଷୟ, ଆଶ୍ଚର୍ଯ୍ୟ କର୍ମ ଓ ଆତ୍ମାଙ୍କ ଦାନ ସହ ବାକ୍ୟ ପ୍ରଚାରିତ ହେବା ଉଚିତ (୧ କରିନ୍ଥୀ ୨:୪,୫; ଏବ୍ରୀ ୨: ୩, ୪) । ଆମମାନଙ୍କ ପ୍ରସଙ୍ଗ ଯୀଶୁ, ଆମମାନଙ୍କ ବିଷୟବସ୍ତୁର ଆଧାର ଈଶ୍ୱରଙ୍କ ବାକ୍ୟ, ଆମମାନଙ୍କ ପ୍ରଣାଳୀ ପବିତ୍ର ଆତ୍ମାଙ୍କ ଶକ୍ତି, ଆମମାନଙ୍କ ଅନୁରାଗ ଜନତା ଓ ଏବଂ ଆମମାନଙ୍କ ଲକ୍ଷ୍ୟ ଖ୍ରୀଷ୍ଟଙ୍କ ସଦୃଶ ସିଦ୍ଧିଲାଭ ।

ବାଙ୍ଗାଲୁରୁରେ ଆମର ମୁଖ୍ୟ କେନ୍ଦ୍ର ଏବଂ ଭାରତର ବିଭିନ୍ନ ସ୍ଥାନରେ ଅଲ୍ ପିପୁଲ୍ସ ଚର୍ଚ୍ଚର ମଣ୍ଡଳୀଗୁଡ଼ିକ ରହିଛି । ଅଲ୍ ପିପୁଲ୍ସ ଚର୍ଚ୍ଚ୍‌ର ବିଭିନ୍ନ ସ୍ଥାନର ଯୋଗାଯୋଗ ଠିକଣା ପାଇବା ପାଇଁ ଆମର ୱେବ୍‌ସାଇଟ୍ **www.apcwo.org/locations** କୁ ପରିଦର୍ଶନ କରନ୍ତୁ କିଅବା ଆମ ନିକଟକୁ contact@apcwo.org ଠିକଣାରେ ଇମେଲ୍ କରନ୍ତୁ ।

# ଅଲ୍ ପିପୁଲ୍ସ ଚର୍ଚ୍ଚର ଅଂଶୀଦାର ହୁଅନ୍ତୁ

ଅଲ୍ ପିପୁଲ୍ସ ଚର୍ଚ୍ଚ ଏକ ସ୍ଥାନୀୟ ମଣ୍ଡଳୀ ହେଲେ ହେଁ ଏହାର ସେବାକାର୍ଯ୍ୟର ପରିସର ସାରା ଭାରତରେ, ବିଶେଷ କରି ଉତ୍ତର ଭାରତରେ ପରିବ୍ୟାପ୍ତ ଏବଂ ଏହା ବିଶେଷ ଧ୍ୟାନ ଦେଇଥାଏ (କ) ନେତୃବର୍ଗଙ୍କୁ ବଳିଷ୍ଠ କରିବା (ଖ) ସେବାକାର୍ଯ୍ୟ ନିମନ୍ତେ ଯୁବାମାନଙ୍କୁ ସୁସଜ୍ଜିତ କରିବା ଏବଂ (ଗ) ଖ୍ରୀଷ୍ଟଙ୍କ ଶରୀରକୁ ଗଢ଼ି ତୋଳିବା ପାଇଁ। ବର୍ଷସାରା ଯୁବାମାନଙ୍କ ପାଇଁ ଅନେକ ତାଲିମ୍ ସେମିନାର୍ ଓ ଖ୍ରୀଷ୍ଟୀୟ ନେତୃତ୍ୱ ସଭାମାନ ଅନୁଷ୍ଠିତ ହୋଇଥାଏ। ଏହା ବ୍ୟତୀତ ଇଂରାଜୀ ଓ ଅନ୍ୟାନ୍ୟ ଭାଷାରେ ଆମ ଦ୍ୱାରା ପ୍ରକାଶିତ ପୁସ୍ତକମାନ ହଜାର ହଜାର ସଂଖ୍ୟାରେ ମାଗଣାରେ ବଣ୍ଟନ କରାଯାଇଥାଏ। ବିଶ୍ୱାସୀମାନଙ୍କୁ ବାକ୍ୟ ଓ ଆତ୍ମାରେ ଗଢ଼ି ତୋଳିବା ଉଦ୍ଦେଶ୍ୟରେ ଏହା କରାଯାଇଥାଏ।

ଆମମାନଙ୍କ ସଙ୍ଗେ ଆର୍ଥିକ କ୍ଷେତ୍ରରେ ଅଂଶୀଦାର ହେବା ପାଇଁ ଆପଣଙ୍କୁ ଆମେ ସାଦର ନିମନ୍ତ୍ରଣ ଜଣାଉ। ଏଥିନିମନ୍ତେ ଆପଣ ଆମ ନିକଟକୁ ଏକକାଳୀନ ବା ମାସିକ ଆର୍ଥିକ ଦାନ ପଠାଇ ପାରିବେ। ଆମ ଦେଶରେ ସେବାକାର୍ଯ୍ୟ କରିବାକୁ ଆପଣ ଯାହା କିଛି ଦାନ ପଠାଇବେ ତାକୁ ସାଦରେ ଗ୍ରହଣ କରାଯିବ।

ଆପଣଙ୍କ ଦାନ ଚେକ୍ ବା ଡ୍ରାଫ୍ଟ ଆକାରରେ "All Peoples Church, Bangalore" ନାମରେ ଅଫିସ୍ ଠିକଣାରେ ଆମ ନିକଟକୁ ପଠାଇ ପାରନ୍ତି। ବ୍ୟାଙ୍କ୍ ଟ୍ରାନ୍ସଫର୍ ଜରିଆରେ ମଧ୍ୟ ଆପଣଙ୍କ ଦାନ ପଠାଇ ପାରିବେ। ଆମ ଜମାଖାତାର ବିବରଣ ନିମ୍ନରେ ଦିଆଗଲା –

Account Name : All Peoples Church

Account Number : 0057213809

IFSC Code : CITI0000004

Bank : Citibank N.A., No.-5, M.G. Road, Bengaluru, Karnataka-560001

*ବି.ଦ୍ର. : ଅଲ୍ ପିପୁଲ୍ସ ଚର୍ଚ୍ଚ ଭାରତରେ ଥିବା ବ୍ୟାଙ୍କ୍ ଗୁଡ଼ିକ ମାଧ୍ୟମରେ ଦାନ ଗ୍ରହଣ କରିଥାଏ। ଦାନ ପଠାଇବା ବେଳେ ଏହାର ଉଦ୍ଦେଶ୍ୟକୁ ଅର୍ଥାତ୍ APC ର କେଉଁ ସେବାକାର୍ଯ୍ୟରେ ଏହା ବ୍ୟବହୃତ ହେବ ତାହା ଆପଣ ଲେଖି ପାରନ୍ତି। ଅଧିକ ଜାଣିବା ନିମନ୍ତେ apcwo.org/give ପରିଦର୍ଶନ କରନ୍ତୁ। ଆମମାନଙ୍କ ନିମନ୍ତେ ଓ ଆମ ସେବା କାର୍ଯ୍ୟ ନିମନ୍ତେ ଦୟାକରି ପ୍ରାର୍ଥନା କରନ୍ତୁ।*

ଧନ୍ୟବାଦ, ପ୍ରଭୁ ଆପଣଙ୍କୁ ଆଶୀର୍ବାଦ କରନ୍ତୁ।

# ଯେଉଁ ଈଶ୍ୱର ଆପଣଙ୍କୁ ପ୍ରେମ କରନ୍ତି ତାହାଙ୍କୁ ଆପଣ ଜାଣନ୍ତି କି ?

୨୦୦୦ ବର୍ଷ ତଳେ ଈଶ୍ୱର ମନୁଷ୍ୟ ରୂପରେ ଜନ୍ମ ନେଇ ଜଗତକୁ ଆସିଥିଲେ । ସେ ଯୀଶୁ ନାମରେ ଖ୍ୟାତ ହୋଇଥିଲେ । ସେ ଏକ ସିଦ୍ଧ ପାପଶୂନ୍ୟ ଜୀବନ କାଟିଥିଲେ । ସେ ରକ୍ତମାଂସ ବିଶିଷ୍ଟ ଈଶ୍ୱର ହୋଇଥିବାରୁ ତାଙ୍କର ପ୍ରତ୍ୟେକ ବାକ୍ୟ ଓ କର୍ମ ଦ୍ୱାରା ସେ ଈଶ୍ୱରଙ୍କୁ ଆମ ନିକଟରେ ପ୍ରକାଶ କଲେ । ସେ ଯାହା କହିଲେ ତାହା ଈଶ୍ୱରଙ୍କ ବାକ୍ୟ ଥିଲା । ସେ ଯାହା କଲେ ତାହା ଈଶ୍ୱରଙ୍କ କାର୍ଯ୍ୟ ଥିଲା । ସେ ଜଗତରେ ଅନେକ ଆଶ୍ଚର୍ଯ୍ୟ କର୍ମ ସାଧନ କରିଥିଲେ । ସେ ରୋଗୀ ଓ ଦୁଃଖ ଭୋଗ କରୁଥିବା ଲୋକମାନଙ୍କୁ ସୁସ୍ଥ କଲେ । ସେ ଅନ୍ଧମାନଙ୍କୁ ସୁସ୍ଥ କଲେ, ବଧିରମାନଙ୍କର କର୍ଣ୍ଣ ଖୋଲିଲେ, ପଙ୍ଗୁମାନଙ୍କୁ ଚାଲିବାର ଶକ୍ତି ଦେଲେ ଓ ସବୁପ୍ରକାର ରୋଗକୁ ସୁସ୍ଥ କଲେ । ସେ ଅଳ୍ପ କେତୋଟି ରୋଟୀ ଓ ମାଛକୁ ବହୁଗୁଣିତ କରି ହଜାର ହଜାର ଲୋକମାନଙ୍କୁ ଆଶ୍ଚର୍ଯ୍ୟଭାବରେ ଖୁଆଇ ପରିତୃପ୍ତ କଲେ, ଝଡ଼ ବତାସକୁ ଆଜ୍ଞା ଦେଇ ସେ ଶାନ୍ତ କଲେ, ଏପରି ସେ ଅସଂଖ୍ୟ ଆଶ୍ଚର୍ଯ୍ୟକର୍ମ କଲେ ।

**ଏହି ସମସ୍ତ ବିଷୟ ପ୍ରକାଶ କଲେ ଯେ ଈଶ୍ୱର ମଙ୍ଗଳମୟ ଓ ସେ ଚାହାନ୍ତି ଯେପରି ସମସ୍ତେ ସୁଖଶାନ୍ତି ଓ ଆନନ୍ଦରେ ରୁହନ୍ତୁ, ସବଳ ସୁସ୍ଥ ରୁହନ୍ତୁ । ସେ ଆମମାନଙ୍କର ସମସ୍ତ ଅଭାବ ଓ ଆବଶ୍ୟକତାକୁ ପୂରଣ କରନ୍ତି ।**

ତେବେ ଈଶ୍ୱର କାହିଁକି ମାନବ ରୂପରେ ଜଗତକୁ ଆସିବାକୁ ଚାହିଁଲେ ? ଯୀଶୁ କାହିଁକି ଜଗତକୁ ଆସିଥିଲେ ?

ଆମେମାନେ ସମସ୍ତେ ପାପ କରିଛୁ ଓ ଆମର ସୃଷ୍ଟିକର୍ତ୍ତା ଈଶ୍ୱର ଆମଠାରୁ ଯାହା ଚାହାନ୍ତି ନାହିଁ ତାହା କରି ଚାଲିଛୁ । ପାପ ଈଶ୍ୱରଙ୍କଠାରୁ ଆମକୁ ବିଚ୍ଛିନ୍ନ କରି ରଖିଥିବା ଏକ ବିରାଟ ଅଭେଦ୍ୟ ପ୍ରାଚୀର ସଦୃଶ୍ୟ । ପାପ ଆମକୁ ଈଶ୍ୱରଙ୍କଠାରୁ ବିଚ୍ଛିନ୍ନ କରି ଦେଇଥାଏ । ଯିଏ ଆମକୁ ସୃଷ୍ଟି କରିଛନ୍ତି ତାହାଙ୍କୁ ଜାଣିବା ଓ ତାହାଙ୍କ ସଙ୍ଗେ ଯଥାର୍ଥ ଓ ଅର୍ଥପୂର୍ଣ୍ଣ ସମ୍ପର୍କ ରକ୍ଷା କରିବାରେ ଏହା ଅନ୍ତରାୟ ସୃଷ୍ଟି କରିଥାଏ । ଏଣୁ ଆମେ ଅନ୍ୟ କୌଣସି ବିଷୟ ଦ୍ୱାରା ଏହି ଶୂନ୍ୟସ୍ଥାନକୁ ପୂରଣ କରିବାକୁ ଚେଷ୍ଟା କରିଥାଉ ।

ପାପ ଆମକୁ ଈଶ୍ୱରଙ୍କଠାରୁ ଅନନ୍ତକାଳ ପାଇଁ ବିଚ୍ଛିନ୍ନ କରିଦେଇଥାଏ । ଈଶ୍ୱରଙ୍କ ଦରବାରରେ ପାପର ଦଣ୍ଡ ମୃତ୍ୟୁ । ମୃତ୍ୟୁ କହିଲେ ଈଶ୍ୱରଙ୍କଠାରୁ ଅନନ୍ତକାଳ ନିମନ୍ତେ ବିଚ୍ଛିନ୍ନ ହୋଇ ନରକାଗ୍ନିରେ ଦଣ୍ଡ ଭୋଗିବା ।

କିନ୍ତୁ ଆପଣଙ୍କ ନିମନ୍ତେ ଶୁଭ ଖବର ରହିଛି । ଆପଣ ପାପରୁ ମୁକ୍ତି ପାଇ ପାରିବେ ଓ ଈଶ୍ୱରଙ୍କ ସଙ୍ଗେ ମିଳିତ ହୋଇପାରିବେ । ବାଇବଲ କହେ, *"ପାପର ବେତନ ମୃତ୍ୟୁ, କିନ୍ତୁ ଈଶ୍ୱରଙ୍କ ଅନୁଗ୍ରହଦାନ ଆମ୍ଭମାନଙ୍କ ପ୍ରଭୁ ଖ୍ରୀଷ୍ଟ ଯୀଶୁଙ୍କ ସହଭାଗିତାରେ ଅନନ୍ତ ଜୀବନ ଅଟେ" (ରୋମୀ ୬:୨୩) ।* ଯୀଶୁ କ୍ରୁଶରେ ମୃତ୍ୟୁବରଣ କରି ସମସ୍ତ ମାନବ ସମାଜର ପାପର ମୂଲ୍ୟକୁ ପରିଶୋଧ କରିଦେଇଛନ୍ତି । ସେ ତୃତୀୟ ଦିବସରେ ପୁନରୁତ୍ଥିତ ହେଲେ, ଅନେକଙ୍କ ନିକଟରେ ନିଜେ ଜୀବିତ ଥିବା ପ୍ରମାଣ ଦେଖାଇଲେ ଓ ସ୍ୱର୍ଗାରୋହଣ କଲେ ।

ଈଶ୍ୱର ପ୍ରେମମୟ ଓ କରୁଣାମୟ । କେହି ଯେ ନରକଗାମୀ ହେଉ ଏହା ସେ କଦାପି ଚାହାନ୍ତି ନାହିଁ । ଏଣୁ ସେ ସମସ୍ତ ମାନବଜାତିକୁ ପାପରୁ ଓ ପାପର ଦଣ୍ଡରୁ ମୁକ୍ତ କରିବା ନିମନ୍ତେ ଏକ ପଥ ପ୍ରସ୍ତୁତ କରିବା ପାଇଁ ଏହି ଜଗତକୁ ଆସିଥିଲେ । ସେ ପାପୀମାନଙ୍କୁ ଉଦ୍ଧାର କରିବା ପାଇଁ ଆସିଥିଲେ, ଆପଣ ଓ ମୋ ଭଳି ଲୋକମାନଙ୍କୁ ପାପ ଓ ଅନନ୍ତ ମୃତ୍ୟୁରୁ ରକ୍ଷା କରିବା ପାଇଁ ସେ ଆସିଥିଲେ ।

ବିନା ମୂଲ୍ୟରେ ପାପକ୍ଷମା ପାଇବାକୁ ହେଲେ ଆପଣଙ୍କୁ ଗୋଟିଏ ବିଷୟ କରିବାକୁ ହେବ - କ୍ରୁଶ ଉପରେ ପ୍ରଭୁ ଯୀଶୁ ଯାହା ସାଧନ କରିଅଛନ୍ତି ତାହା ଗ୍ରହଣ କରିବାକୁ ହେବ ଓ ସମସ୍ତ ହୃଦୟର ସହିତ ତାଙ୍କୁ ବିଶ୍ୱାସ କରିବାକୁ ହେବ ।

*"ଯେ କେହି ତାହାଙ୍କଠାରେ ବିଶ୍ୱାସ କରେ, ସେ ପାପକ୍ଷମା ପାଇବ" (ପ୍ରେରିତ ୧୦:୪୩) ।*

*"ତୁମ୍ଭେ ଯଦି ମୁଖରେ ଯୀଶୁଙ୍କୁ ପ୍ରଭୁ ବୋଲି ସ୍ୱୀକାର କରିବ, ଆଉ ଈଶ୍ୱର ତାହାଙ୍କୁ ମୃତମାନଙ୍କ ମଧ୍ୟରୁ ଉଠାଇ ଅଛନ୍ତି ବୋଲି ହୃଦୟରେ ବିଶ୍ୱାସ କରିବ, ତେବେ ପରିତ୍ରାଣ ପ୍ରାପ୍ତ ହେବ" (ରୋମୀ ୧୦:୯) ।*

ଯଦି ଆପଣ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ଠାରେ ବିଶ୍ୱାସ କରିବେ ଆପଣ ମଧ୍ୟ ପାପ କ୍ଷମା ପାଇପାରିବେ ଓ ଆପଣାର ସମସ୍ତ ପାପରୁ ପରିଷ୍କୃତ ହୋଇପାରିବେ ।

ନିମ୍ନରେ ଏକ ସରଳ ପ୍ରାର୍ଥନା ଦିଆଯାଇଛି । ପ୍ରଭୁ ଯୀଶୁଙ୍କଠାରେ ବିଶ୍ୱାସ କରିବାକୁ ଓ ସେ କ୍ରୁଶ ଉପରେ ଆପଣଙ୍କ ନିମନ୍ତେ କ'ଣ ସାଧନ କରିଛନ୍ତି ତାହା ବିଶ୍ୱାସ କରି ଜୀବନରେ ଏକ ନିଷ୍ପତ୍ତି ନେବା ପାଇଁ ଏବଂ ଆପଣଙ୍କ ପାପସବୁରୁ କ୍ଷମା ପାଇବା ପାଇଁ ଓ ସେଥିରୁ ପରିଷ୍କୃତ ହେବା ପାଇଁ ଏହି ପ୍ରାର୍ଥନା ଆପଣଙ୍କୁ ସାହାଯ୍ୟ କରିବ । ଏହି ପ୍ରାର୍ଥନା ଏକ ନମୁନା ମାତ୍ର । ଆପଣ ନିଜ ଭାଷାରେ ମଧ୍ୟ ପ୍ରାର୍ଥନା କରିପାରିବେ ।

ପ୍ରିୟ ପ୍ରଭୁ ଯୀଶୁ, ତୁମେ କ୍ରୁଶ ଉପରେ ମୋ ନିମନ୍ତେ ଯାହା ସାଧନ କରିଛ ଆଜି ମୁଁ ତାହା ବୁଝି ପାରିଛି । ମୁଁ ଯେପରି ପାପରୁ କ୍ଷମା ପାଇବି ଏଥିପାଇଁ ତୁମେ ମୋ ପାଇଁ କ୍ରୁଶରେ ପ୍ରାଣ ଦେଲ, ତୁମର ଅମୂଲ୍ୟ ରକ୍ତକୁ ବୁହାଇ ମୋର ପାପର ମୂଲ୍ୟକୁ ପରିଶୋଧ କଲ । ବାଇବଲ କହେ ଯେ କେହି ତୁମଠାରେ ବିଶ୍ୱାସ କରେ ସେ ତା'ର ପାପସବୁରୁ କ୍ଷମା ପାଇବ ।

ମୁଁ ତୁମଠାରେ ବିଶ୍ୱାସ କରିବାକୁ ଏବଂ ମୋ ନିମନ୍ତେ କ୍ରୁଶୀୟ ମୃତ୍ୟୁଭୋଗ କରି ଓ ପୁନରୁତ୍‌ଥିତ ହୋଇ ମୋ ନିମନ୍ତେ ତୁମେ ଯାହା ସାଧନ କରିଛ ତାହା ଗ୍ରହଣ କରିବାକୁ ଆଜି ମୁଁ ନିଷ୍ପତ୍ତି ନେଉଛି । ମୁଁ ଜାଣେ କୌଣସି ସତ୍କର୍ମ କରି ମୁଁ ନିଜକୁ ନିଜେ ଉଦ୍ଧାର କରିପାରିବି ନାହିଁ କି ଅନ୍ୟ କୌଣସି ବ୍ୟକ୍ତି ମଧ୍ୟ ମୋତେ ଉଦ୍ଧାର କରିପାରିବ ନାହିଁ । ମୁଁ କେବେ ମୋର ପାପସବୁରୁ କ୍ଷମା ପାଇପାରିବି ନାହିଁ ଓ ଏଥିନିମନ୍ତେ କିଛି କରିପାରିବି ନାହିଁ ।

ଆଜି ମୁଁ ମୋର ହୃଦୟରେ ବିଶ୍ୱାସ କରୁଛି ଓ ମୋ ମୁଖରେ ସ୍ୱୀକାର କରୁଛି ଯେ ତୁମେ ମୋ ନିମନ୍ତେ ମୃତ୍ୟୁଭୋଗ କରିଅଛ । ତୁମେ ମୋର ପାପର ଦଣ୍ଡକୁ ପରିଶୋଧ କରିଦେଇଛ । ତୁମେ ମୃତ୍ୟୁରୁ ପୁନରୁତ୍‌ଥିତ ହୋଇଛ ଓ ତୁମଠାରେ ବିଶ୍ୱାସ କରି ମୁଁ ପାପ କ୍ଷମା ପାଇଛି ଓ ମୋର ପାପସବୁରୁ ପରିଷ୍କୃତ ହୋଇଛି ।

ଧନ୍ୟବାଦ ଯୀଶୁ, ତୁମକୁ ପ୍ରେମ କରିବାକୁ ଓ ତୁମକୁ ଅଧିକରୁ ଅଧିକ ଜାଣିବାକୁ ଓ ତୁମଠାରେ ବିଶ୍ୱସ୍ତ ରହିବାକୁ ମୋତେ ସାହାଯ୍ୟ କର । ଆମେନ୍ ।

## All Peoples Church
## Bible College & Ministry Training Center

ଅଲ୍ ପିପୁଲ୍ସ ଚର୍ଚ୍ଚ୍ ବାଇବଲ୍ କଲେଜ୍ ଏଣ୍ଡ୍ ମିନିଷ୍ଟ୍ରି ଟ୍ରେନିଙ୍ଗ୍ ସେଣ୍ଟର୍ (APC-BC) ବାଙ୍ଗାଲୁରୁ, ଆତ୍ମାରେ ପୂର୍ଣ୍ଣ ଓ ଅଭିଷିକ୍ତ ପ୍ରଭୁଙ୍କ ଦାସଦାସୀମାନଙ୍କୁ ବ୍ୟବହାର କରି ଅନ୍ୟମାନଙ୍କୁ ତାଲିମ୍ ଦେଇ ସୁସଜ୍ଜିତ କରେ ଯେପରି କି ସେମାନେ ପବିତ୍ର ଆତ୍ମାଙ୍କ ଅଲୌକିକ ଶକ୍ତିରେ କାର୍ଯ୍ୟ କରନ୍ତି ଏବଂ ଈଶ୍ୱରଙ୍କ ବାକ୍ୟକୁ ଅଭ୍ରାନ୍ତ ଓ ଜ୍ଞାନୋଦ୍ଦୀପକ ଭାବରେ ବ୍ୟାଖ୍ୟା କରିପାରନ୍ତି । ସେବାକାର୍ଯ୍ୟ ନିମନ୍ତେ ବ୍ୟକ୍ତିର ପୂର୍ଣ୍ଣ ବିକାଶରେ ଆମେ ବିଶ୍ୱାସ କରୁ । ସେମାନେ ଯେପରି ପ୍ରଭୁଙ୍କଠାରେ ସଂଲଗ୍ନ ଜୀବନ କାଟନ୍ତି ଏବଂ ତଦ୍ଦ୍ୱାରା ସେମାନଙ୍କଠାରେ ଐଶିକ ଚରିତ୍ର ବିକଶିତ ହୁଏ ଓ ଈଶ୍ୱରଙ୍କ ବାକ୍ୟରେ ସେମାନେ ବଦ୍ଧମୂଳ ହୁଅନ୍ତି ଏବଂ ସେମାନଙ୍କ ସେବା କାର୍ଯ୍ୟରେ ବିଭିନ୍ନ ଚିହ୍ନ, ଆଶ୍ଚର୍ଯ୍ୟ ବିଷୟ, ଆଶ୍ଚର୍ଯ୍ୟ କର୍ମର ଶକ୍ତିଯୁକ୍ତ ପ୍ରଦର୍ଶନ ଅନୁବର୍ତ୍ତୀ ହୁଏ ଏହା ଉପରେ ଗୁରୁତ୍ୱ ଦିଆଯାଏ । APC-BC ରେ ବଳିଷ୍ଠ ଶିକ୍ଷା ସାଙ୍ଗକୁ ଈଶ୍ୱରଙ୍କ ପ୍ରେମର ପ୍ରଦର୍ଶନ, ପବିତ୍ର ଆତ୍ମାଙ୍କ ଅଭିଷେକ ଓ ଉପସ୍ଥିତି ଏବଂ ଈଶ୍ୱରଙ୍କର ଆଶ୍ଚର୍ଯ୍ୟ କାର୍ଯ୍ୟ ଉପରେ ଜୋର୍ ଦିଆଯାଏ । ଏଯାଏଁ ଅନେକ ତାଲିମ୍‌ପ୍ରାପ୍ତ ଯୁବକ ଯୁବତୀଙ୍କୁ ସେମାନଙ୍କ ଜୀବନରେ ଈଶ୍ୱରଙ୍କ ଆହ୍ୱାନକୁ ପୂରଣ କରିବା ନିମନ୍ତେ ପ୍ରେରଣ କରାଯାଇଛି ।

ଏଠାରେ ତିନୋଟି ପାଠ୍ୟକ୍ରମ ପ୍ରଚଳିତ :
Certificate in Theology & Christian Ministry (C.Th.) –ଏକବର୍ଷ
Diploma in Theology & Christian Ministry (Dip.Th.)– ଦୁଇ ବର୍ଷ
Bachelor in Theology & Christian Ministry (B.Th.)– ତିନି ବର୍ଷ

**ସୋମବାରଠାରୁ ଶୁକ୍ରବାର ଯାଏଁ ପୂର୍ବାହ୍ନ ୯.୦୦ଘ. ରୁ ଅପରାହ୍ନ ୧.୦୦ ଘ.** ପର୍ଯ୍ୟନ୍ତ ଶ୍ରେଣୀରେ ଶିକ୍ଷାଦାନ କରାଯାଏ । ଦିବା ବିଦ୍ୟାର୍ଥୀ, ପେଶାଦାର ବ୍ୟକ୍ତି ଓ ବିବାହିତା ସ୍ତ୍ରୀମାନେ ମଧ୍ୟ ଏ ସମସ୍ତ ତାଲିମ୍‌ରେ ଯୋଗ ଦେଇପାରିବେ ଏବଂ ଅପରାହ୍ନ ୧.୦୦ ଘ. ପରେ ସେମାନଙ୍କ କାର୍ଯ୍ୟକୁ ଯାଇପାରିବେ । ଆବାସିକ ଛାତ୍ରଛାତ୍ରୀଙ୍କ ନିମନ୍ତେ ପୃଥକ୍ ହୋଷ୍ଟେଲ୍‌ମାନ ରହିଛି । ପଢ଼ା ଦିନମାନଙ୍କରେ ଆବାସିକ ଛାତ୍ରଛାତ୍ରୀମାନେ ଅପରାହ୍ନ ୨.୦୦ ଘ.ରୁ. ୫.୦୦ ଘ. ପର୍ଯ୍ୟନ୍ତ କ୍ଷେତ୍ର କାର୍ଯ୍ୟ, ସ୍ୱତନ୍ତ୍ର ସେମିନାର୍, ପ୍ରାର୍ଥନା ଓ ଉପାସନାରେ ଯୋଗ ଦେଇଥାନ୍ତି । ଅଣଆବାସିକ ଛାତ୍ରଛାତ୍ରୀମାନେ ଏଥିରେ ଯୋଗ ଦେବା ସେମାନଙ୍କ ଇଚ୍ଛାଧୀନ । ସପ୍ତାହର ଶେଷ ଦିନମାନଙ୍କରେ ବିଭିନ୍ନ ମାଣ୍ଡଳିକ ସେବାରେ ଯୋଗ ଦେଇ ସେଠାରେ ବିଭିନ୍ନ କାର୍ଯ୍ୟ କରିବାକୁ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରାଯାଏ । ଅନ୍‌ଲାଇନ୍‌ରେ ଦରଖାସ୍ତ ପଠାଇବାକୁ ଓ ଏହି କଲେଜର କାର୍ଯ୍ୟକ୍ରମ, ଯୋଗ୍ୟତା, ଟ୍ୟୁସନ୍ ଖର୍ଚ୍ଚ ବିଷୟରେ ଜାଣିବା ଏବଂ ଦରଖାସ୍ତ ଫର୍ମକୁ ଡାଉନ୍‌ଲୋଡ୍ କରିବା ପାଇଁ ଆମର ୱେବ୍‌ସାଇଟ୍ www.apcwo.org/biblecollegeକୁ ପରିଦର୍ଶନ କରନ୍ତୁ ।

APC-BC is accredited by the
Nations Association for
Theological Accreditation (NATA)

ଅନେକ ବିଶ୍ୱାସୀ ପବିତ୍ର ଆତ୍ମାଙ୍କ ବାପ୍ତିସ୍ମ ବିଷୟରେ କିଛି ଜାଣନ୍ତି ନାହିଁ । ପ୍ରଭୁ ଯୀଶୁ ଆମମାନଙ୍କୁ ଏହି ବାପ୍ତିସ୍ମ ଦେବା ନିମନ୍ତେ ଆସିଥିଲେ । ଉପଯୁକ୍ତ ଶିକ୍ଷାର ଅଭାବ ହେତୁ ବିଶ୍ୱାସୀମାନେ ପବିତ୍ର ଆତ୍ମାରେ ବାପ୍ତିସ୍ମ ପ୍ରସଙ୍ଗରେ ଭ୍ରମିତ ହୋଇଥାନ୍ତି ଏବଂ ମଣ୍ଡଳୀ ଉପାସନା ପାଟିତୁଣ୍ଡ, ଚିତ୍କାର, ଉଚ୍ଚଧ୍ୱନି ଓ ଅନ୍ୟାନ୍ୟ ଅବୋଧ  ଅଭିବ୍ୟକ୍ତିରେ ପରିପୂର୍ଣ୍ଣ ହୋଇଥାଏ । ସେମାନେ ପବିତ୍ର ଆତ୍ମାରେ ବାପ୍ତିସ୍ମ ହେବାର ଉଦ୍ଦେଶ୍ୟ ଓ ଶକ୍ତି ବିଷୟରେ କିଛି ବୁଝିପାରି ନ ଥାନ୍ତି । ଏହି ପୁସ୍ତକରେ ଈଶ୍ୱରଙ୍କ ବାକ୍ୟରୁ ଏବିଷୟରେ ଯେଉଁ ସରଳ ଅଧ୍ୟୟନ ଦିଆଯାଇଛି ଏହାଦ୍ୱାରା ପାଠକେ ପବିତ୍ର ଆତ୍ମାରେ ବାପ୍ତିସ୍ମ କ'ଣ ତାହା ବୁଝିପାରିବେ ଏବଂ ନିଜେ କିପରି ଏହି ବାପ୍ତିସ୍ମ ଗ୍ରହଣ କରିବେ ସେଦିଗରେ ଉପଯୁକ୍ତ ଚାଳନା ପାଇପାରିବେ । ପବିତ୍ର ଆତ୍ମାଙ୍କ ଶକ୍ତିର ପ୍ରକାଶନ ନିମନ୍ତେ ଏହା ହେବ ଏକ ଆଶ୍ଚର୍ଯ୍ୟଜନକ ଯାତ୍ରାର ଆରମ୍ଭ । ପ୍ରତ୍ୟେକ ବିଶ୍ୱାସୀ ପବିତ୍ର ଆତ୍ମାରେ ବାପ୍ତିଜିତ ହେବା ନିହାତି ଆବଶ୍ୟକ ଓ ପବିତ୍ର ଆତ୍ମାଙ୍କ ଦାନସମୂହର ମାଧ୍ୟମ ଭାବରେ ବ୍ୟବହୃତ ହେବା ଉଚିତ, ଯେପରି କି ଈଶ୍ୱରଙ୍କ ଶକ୍ତି ପ୍ରକାଶିତ ହେବ ଏବଂ ଯୀଶୁ ଗୌରବ ପାଇବେ  !

*ଆଶିଷ୍ ରାଇଚୁର୍*